ମୂଲ୍ୟ:₹ ୧/-

ଧରିତ୍ରୀ
DHARITRI

# ସାହିତ୍ୟାଙ୍ଗନ

୪-୧୭ ସେପ୍ଟେମ୍ବର, ୨୦୧୯

**ଅବଲୋକନ** : ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ

**ସ୍ମରଣୀୟ** : ପ୍ରଦୀପ ନାୟକ

**ପ୍ରଥମ ବହି** : ତ୍ରିଲୋଚନ ଦାସ

**ପହିଲି ପୁଲକ** : ପାର୍ବତୀ ନାୟକ



# ସଞ୍ଜ ନଇଁଗଲା ପରେ

ଲେଖାଲେଖି ଆରମ୍ଭର କିଛିଦିନ ପରେ ମୋର କେତେକ ଶିଶୁ ଗଳ୍ପ ଓ କବିତା ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶ ପାଇଲା। ସେ ସବୁକୁ ଆଣି ମୁଁ ସାଇତି ରଖେ। ହେଲେ ୧୯୯୯ରେ ପ୍ରବଳ ପ୍ରଳୟଙ୍କରୀ ମହାବାତ୍ୟାରେ ସେ ସବୁ ନିଶ୍ଚିହ୍ନ ହୋଇଗଲା। ତାହା ଆଜି ବି ମୋ' ହୃଦୟରେ ଏକ ଗଭୀର କ୍ଷତ ହୋଇ ରହିଛି।




ଧୀରେଧୀରେ ସମୟ ଚକ୍ରରେ ବିବାହ ବନ୍ଧନରେ ଛନ୍ଦି ହୋଇ ଯାଇଥିଲେ ବି ଲେଖାଲେଖି ପ୍ରତି ଉତ୍ସାହ କମି ନ ଥିଲା। ମୋ' ସହଧର୍ମିଣୀ ମଧ୍ୟ ମୋ' ଲେଖାଲେଖି ପ୍ରତି ଯଥେଷ୍ଟ ସମ୍ମାନ ପ୍ରଦାନ ପୂର୍ବକ ଆଗକୁ ଯିବା ପାଇଁ ଉତ୍ସାହ ଦେଇ ଆସୁଛନ୍ତି। ସାହିତ୍ୟ ପ୍ରତି ଥିବା ଅନୁରାଗ ମୋର ନୂତନ କର୍ମସ୍ଥଳୀ ଖୋର୍ଦ୍ଧାରେ ଅନେକ ବିଶିଷ୍ଟ ବ୍ୟକ୍ତିମାନଙ୍କ ସାହଚର୍ଯ୍ୟରେ ବେଶ୍ ଆଗକୁ ବଢ଼ିପାରିଛି। ମହାନ୍ ଗୀତି-କବି ରମେଶ ଚନ୍ଦ୍ର ମଙ୍ଗରାଜଙ୍କ ପ୍ରେରଣାରେ ଗୀତି-କବିତା କ୍ଷେତ୍ରରେ ମନୋନିବେଶ କରି ମୋର ପ୍ରଥମ ଗୀତି-କବିତା ସଙ୍କଳନ ''ସଞ୍ଜ ନଇଁଗଲା ପରେ'' ଯୁବକବି ତଥା ପ୍ରକାଶକ ନିଶିକାନ୍ତ କହଲସିଂହଙ୍କ ସ୍ୱାଗତିକା ପ୍ରକାଶନୀ ଦ୍ୱାରା ପ୍ରକାଶିତ ହୋଇ ପାଠକୀୟ ସ୍ୱୀକୃତି ହାସଲ କରିଛି।

ତ୍ରିଲୋଚନ ଦାସଙ୍କ ଜନ୍ମ ପୁରୀ ଜିଲା ଅସ୍ତରଙ୍ଗର ପାଟଳଦା ଗାଁରେ, ୧୯୭୩ ମସିହା ସେପ୍ଟେମ୍ବର ୨୦ ତାରିଖରେ। ଲେଖକଙ୍କ ବୃତ୍ତି ଯଦିଓ ଶିକ୍ଷକତା, ରୁଚି କିନ୍ତୁ ସାହିତ୍ୟ ସର୍ଜନା। ରାଜ୍ୟ ତଥା ରାଜ୍ୟ ବାହାରର ବିଭିନ୍ନ ପତ୍ରପତ୍ରିକାରେ ତ୍ରିଲୋଚନଙ୍କ ଗଳ୍ପ, କବିତା ଓ ଗୀତ ପ୍ରକାଶ ପାଇ ପାଠକୀୟ ଆଦୃତି ଲାଭ କରିଛି।

ଅନେକ ଖବରକାଗଜ ପୃଷ୍ଠା ତଥା ଧରିତ୍ରୀ 'ଛୁଟିଦିନ'ର ସୃଜନ ପୃଷ୍ଠାରେ ମୋର ତିନୋଟି ଗୀତି-କବିତା ପ୍ରକାଶିତ ହୋଇଛି। ଏବେ ମୋର ଅନେକଗୁଡ଼ିଏ ଗୀତ ସଙ୍ଗୀତର ରୂପ ନେଇ ବିଭିନ୍ନ ଟିଭି ଚ୍ୟାନେଲ ତଥା ୟୁଟ୍ୟୁବ୍ ଚ୍ୟାନେଲରେ ପ୍ରସାରିତ ହେଉଛି। ସାହିତ୍ୟ ମନୁଷ୍ୟକୁ ମାନସିକ ଶାନ୍ତି ଦିଏ। ଜୀବନର ଅନେକ କ୍ଷତକୁ ଉପଶମ ଦିଏ। ମୋର ଏବେ ବହୁ ଗଳ୍ପ, କବିତା ରାଜ୍ୟ ତଥା ରାଜ୍ୟ ବାହାରର ଅନେକ ପତ୍ରପତ୍ରିକାରେ ପ୍ରକାଶିତ ହୋଇଥିବାରୁ ବିଭିନ୍ନ ଅନୁଷ୍ଠାନରୁ ସମ୍ମାନ ଓ ସମ୍ବର୍ଦ୍ଧନା ପାଇଛି, ହେଲେ ଅନେକ ଲେଖା ସମ୍ପର୍କରେ ପାଠିକା ପାଠକଙ୍କଠାରୁ ପାଠକୀୟ ଅଭିମତ ପୋଷ୍ଟକାର୍ଡରେ ପାଇଛି। ଏହା ହିଁ ଜଣେ ସ୍ରଷ୍ଟାର ସବୁଠୁଁ ବଡ଼ ସମ୍ବଳ। 'ପ୍ରଥମ ବହି' ପ୍ରକାଶ ପାଇବା ପରେ ମୁଁ ଲେଖିବା ପାଇଁ ଦମ୍ଭ ପାଇଛି। ଏହାର ପ୍ରକାଶନ ଯଦିଓ ଆରମ୍ଭରୁ ମୋ ପାଇଁ ଦିବାସ୍ୱପ୍ନ ଥିଲା, କିନ୍ତୁ ବହିଟି ପ୍ରକାଶ ପାଇବା ପରେ ମୋର ମନେହୋଇଛି ଯେ, ନିଷ୍ଠା ଓ ସଂକଳ୍ପ ଥିଲେ ଜୀବନରେ କୌଣସି କଥା ଅସମ୍ଭବ ନୁହେଁ। କେବଳ ଏଥିପାଇଁ ଲୋଡ଼ା ଲେଖକର ଅଖଣ୍ଡ ଆତ୍ମବିଶ୍ୱାସ ଓ ସେଇ ଆତ୍ମବିଶ୍ୱାସକୁ ପାଥେୟ କରି ସୃଜନପଥରେ ଆଗେଇଯିବା।


ତ୍ରିଲୋଚନ ଦାସ




# "ତୁମେ ସେଇ ବହିଟିକୁ ଲେଖ, ଯାହା ଲେଖା ହୋଇନାହିଁ ଏ ଯାଏଁ" - ଚମତ୍କାର!




**ମହାଶୟ,**

* ୨୧ ଅଗଷ୍ଟ- ୩ ସେପ୍ଟେମ୍ବର, ୨୦୧୯ ସଂଖ୍ୟା 'ସାହିତ୍ୟାୟନ' ପାଇଲି। ଏଥିରେ ପ୍ରଥମରୁ ତରୁଣ ଗାଳ୍ପିକ ବିବିଧ ବିଶ୍ୱଙ୍କର 'ପ୍ରଥମ ବହି' ଶୀର୍ଷକରେ ତାଙ୍କର ପ୍ରଥମ ଗଳ୍ପ ବହି 'ସଂଜ ନଇଁଗଲେ'ର ପ୍ରକାଶ କାହାଣୀ ଓ ଅନୁଭବ ବିଷୟରେ ଅବଗତ ହେଲି। ଲେଖକଙ୍କ ଅନୁଭବ ମନକୁ ପାଇଲା। ଆଫ୍ରୋ-ଆମେରିକୀୟ ଔପନ୍ୟାସିକା: ଶିକ୍ଷାବିତ୍ ଟୋନି ମୋରିସନ୍‌ଙ୍କ 'ବିଲଭ୍‌ଡ', 'ସଙ୍ଗ୍ ଅଫ୍ ସଲୋମନ୍' ପୁସ୍ତକ ସମ୍ବନ୍ଧରେ କହିବାକୁ ଯାଇ ଏକ ବକ୍ତବ୍ୟ ''ତୁମେ ସେଇ ବହିଟିକୁ ଲେଖ, ଯାହା ଲେଖା ହୋଇନାହିଁ ଏଯାଏଁ''ରୁ ସର୍ଜନାକାରୀମାନେ ଅନେକ ସନ୍ଦେଶ ପାଇପାରିବେ। ସତରେ ଲେଖା ଯଦି ମୌଳିକ ତଥା ନିଆରା ପାଠକୀୟ ସ୍ୱାଦ ଦେଉ ନ ଥିବ, ତା'ହେଲେ ତାହା ନକଲ ବା ଅନୁସରଣ ପର୍ଯ୍ୟାୟଭୁକ୍ତ ହୋଇଯାଏ। ଆଲେଖ ପ୍ରସ୍ତୁତକର୍ତ୍ତା ଡ. ହୃଷୀକେଶ ମଲ୍ଲିକଙ୍କୁ ଅନେକ ଧନ୍ୟବାଦ। 'ସ୍ମରଣୀୟ'ରେ ସୁନୀତି ଦେବୀଙ୍କ ଗଳ୍ପ ''ଦେବୀ'' ଜୀବନ୍ତ ଲାଗିଲା। ଗଳ୍ପଟି ପ୍ରେମ, ବିରହ ଓ ଆଧାତ୍ମିକ ଭାବ ପ୍ରକାଶ କରିଅଛି। ଗାଳ୍ପିକା ଡ. ସୁଲୋଚନା ଦାସଙ୍କ ''ମାଆ'' ଗଳ୍ପ ମୋତେ ଅଭିଭୂତ କରିଦେଲା। ମହାଭାରତର ଅଭିମନ୍ୟୁ ମା' ପେଟରେ ଥାଇ ଯୁଦ୍ଧ ଶିକ୍ଷା କରିବା ପରି ଜଣେ ମାଆ ତା'ର ଚଳତ୍ ଶକ୍ତିରହିତ/ ଦୃଷ୍ଟିଶକ୍ତିହୀନ ପୁଅକୁ କିପରି ନିଜେ ପଢ଼ି ତାକୁ ପଢ଼ାଇ ଫ୍ରାନ୍ସର ଜଣେ ଶିକ୍ଷାବିତ୍ ପ୍ରଫେସର କରି ପାରିଥିଲେ, ସେ କଥା ଅଭିଭାବକମାନେ ହୃଦୟଙ୍ଗମ କରିବା ଦରକାର। ''ମାଆ ହେଲେ ପାଠୋଇ, ଦେଶ ଯିବ ଆଗେଇ'' ବାକ୍ୟ ଭୁଲ୍ ନୁହେଁ। ମାଆମାନେ ଘରର ପ୍ରଥମ ଶିକ୍ଷୟିତ୍ରୀ। ସେମାନେ ସେମାନଙ୍କ ପ୍ରତିବଦ୍ଧ ଚେଷ୍ଟାରେ ପୁଅ ଝିଅଙ୍କୁ ଯୋଗ୍ୟ ତଥା ଶ୍ରେଷ୍ଠ କରିପାରିବେ। ଗାଳ୍ପିକାଙ୍କୁ ଧନ୍ୟବାଦ। 'ପ୍ରେମିକ ବର୍ଷା' ଚଳନୀୟ ଗଳ୍ପ। ଅନୂଦିତ ଗଳ୍ପ 'ଟାଙ୍ଗାବାଲା' ସମାଜକୁ ଅନେକ ଶିକ୍ଷାଦେବ। ଏବେ ସେମିତି କିଛି ଘଟଣା ଘଟୁଅଛି। ଅଟୋବାଲା ହଜିବା ଟଙ୍କା ବ୍ୟାଗ୍ ଫେରାଇବା ଏହି ଗଳ୍ପର ଅନୁସରଣ ପରି ଲାଗେ। ଆଧୁନିକ କବିତାଗୁଡ଼ିକ ଭଲ, ମାତ୍ର ଗୀତି-କବିତା 'ଆଷାଢ଼ ସଂଜରେ ଭିଜୁଛି ମେଘରେ' ମୋତେ ଭାରି ଭଲ ଲାଗିଲା। ହରେକୃଷ୍ଣ ଦାସଙ୍କ 'ପହିଲି ପୁଲକ' ପ୍ରସବ ବେଦନା ପରେ ସୁନ୍ଦର ସନ୍ତାନଟିଏ ମିଳିଲା ପରି। 'ପୁସ୍ତକ ପରିଚୟ'ରୁ ଚାରିଟି ବହି ସମ୍ବନ୍ଧେ ଜାଣିଲି। 'ସାହିତ୍ୟାୟନ' ଖୁବ୍ ଭଲ କ୍ଷୁଦ୍ର ପତ୍ରିକାଟିଏ।

**- ଶ୍ରୀରାମଚନ୍ଦ୍ର ଦାଶ, ବିଦ୍ୟାଧରପୁର, ଗୁଆଲିଗୋରଡ଼ା, ଗବକୁଣ୍ଡ, ପୁରୀ**

* ୨୧ ଅଗଷ୍ଟ, ୨୦୧୯ରେ ପ୍ରକାଶିତ 'ସାହିତ୍ୟାୟନ'ର ''ମାଆ'' ରମ୍ୟ ରଚନାଟି ପଢ଼ି ଖୁବ୍ ଆତ୍ମହରା ହୋଇଗଲି। ଦୁନିଆରେ ମାଆର ସ୍ଥାନ ଯେ କେଉଁଠି, ତାହା କେହି ବି କହିପାରିବେ ନାହିଁ। ସଂସାରରେ ମାଆ କେତେ ଦୁଃଖ ଯନ୍ତ୍ରଣା ସହି ତା'ର ପଣତ କାନିରେ ବାନ୍ଧି, ସଂସାର ଚଳାଇବା କେତେ କଷ୍ଟ, ସେ କଷ୍ଟ କେବଳ ମା' ହିଁ ଜାଣେ। ନିଃସ୍ୱାର୍ଥପର ଭାବେ ସଂଜ ହେଲେ ଚଉଁରାମୂଳେ ସଂଜ ଦୀପଟିଏ ଜାଳି ପିଲାମାନଙ୍କ ପାଇଁ ମୁଣ୍ଡିଆ ମାରେ। ମାଆଟିଏ ସବୁବେଳେ ତା'ର ପିଲାଙ୍କୁ ଘଣ୍ଟ ଘୋଡ଼ାଇ ରଖିଥାଏ।

**- ସରୋଜିନୀ ପରିଡ଼ା, ଶ୍ରୀରାମପୁର, ମଙ୍ଗଳପୁର, ଯାଜପୁର**

* ରାଇଜସାରା ଧାରା ଶ୍ରାବଣରେ ବର୍ଷା ବିନା ମରୁଡ଼ିର ପଦଧ୍ୱନି ଶୁଣାଯିବା ସତ୍ତ୍ୱେ 'ସାହିତ୍ୟାୟନ' ଅଗଷ୍ଟ ୭-୨୦ ସଂଖ୍ୟା ପ୍ରଚ୍ଛଦରେ ହଂସ ହଂସରାଳୀଙ୍କ ସନ୍ତରଣ ମନରେ ସକାରାତ୍ମକ ଭାବନା ଭରିଦିଏ। 'ପ୍ରଥମ ବହି' କ୍ରମରେ ବଦ୍ରିବାବୁଙ୍କ 'କ୍ୟାପିଟାଲିଆ ହଡ଼ା' ଶ୍ରାବଣ ମାସର ବୋଲବମ୍ ଧ୍ୱନିରେ ହୁରୁଡ଼ିଯିବନି ତ? କୀର୍ତ୍ତିମାନ୍ ନାଟ୍ୟକାର କାର୍ତ୍ତିକ ଚନ୍ଦ୍ର ରଥ ସତରେ ଏକ ନଭଶ୍ଚୁମ୍ବୀ ପ୍ରତିଭା। ମିନିଗଳ୍ପର 'ପରପିଲା' ସଚ୍ଚିବାବୁଙ୍କ କଲମରେ ନିଜ ପିଲାଠୁଁ କେଉଁ ଗୁଣରେ କମ୍? ପଙ୍କଚନ୍ଦନର ସ୍ରଷ୍ଟା ରାଜକିଶୋର ରାୟଙ୍କ 'ଦଶହରା ଭେଟି'ରେ ସୁନନ୍ଦା ବାସ୍ତବିକତାକୁ ଭେଟିବା ପରେ 'ସୁନନ୍ଦା ଭୋଜନାଳୟ' କଲେ। ଦୁଇ ହୃଦୟ ମଧ୍ୟରେ ଥିବା ତୁଙ୍ଗ ବ୍ୟବଧାନ ମିଳେଇଗଲା। ଅଣୁଗଳ୍ପ ଗୁଡ଼ାଏ ଅଣୁବୋମା ପରି ବେଶ୍ ପ୍ରଭାବଶାଳୀ। ହଇହେ ପ୍ରତାପବାବୁ 'ଲାଫିଙ୍ଗ୍ ବୁଦ୍ଧ'ରେ ପୁଅବୋହୂଙ୍କ ଯାଦୁକରୀ ଘରେ 'ଲାଫିଙ୍ଗ୍ ବୁଦ୍ଧ' ରଖିଦେଲେ। ସତରେ ସବ୍‌କା ସାଥ୍, ସବ୍‌କା ବିକାଶ। ପ୍ରେରଣାଦାୟୀ, ସମସ୍ତେ ପଢ଼ିଲା ପରି ଗଳ୍ପଟିଏ। କବି ଜଣେ 'କୁଆଁରୀକୁ ଚିଠି' ଲେଖୁଲେଖୁ ସମୟସୀମା ପାରି ହୋଇ ଜୀବନର ଅଙ୍କ କଷି ରଘୁଦାସ 'ତାରା' ହୋଇଗଲା। ପୀତାମ୍ବର ତରାଇଙ୍କ ପ୍ରତିଭାର ଉଦୟ ପ୍ରସଙ୍ଗ ପଢ଼ିଲା ବେଳେ ମନେପଡ଼ିଲା ମହାମୂର୍ଖ 'କାଳିଦାସ'ଙ୍କ କଥା। ପୁସ୍ତକ-ବଗିଚାରେ ଏଥର 'ଉତ୍କଳ ଭାରତୀ', 'ଖଂଗାର', ନରେନ୍ଦ୍ର ବାବୁଙ୍କ 'ପ୍ରବନ୍ଧ ଚୟନ' ସହ 'ହସ୍ତାକ୍ଷର' ଫୁଲ ପରି ଫୁଟିଛନ୍ତି।

**- ସୁସ୍ମିତା ପୁରୋହିତ, ସଦେଇପାଲି, ନୂଆ କଲୋନୀ, ବୁର୍ଲା, ସମ୍ବଲପୁର**

* ୨୧ ଅଗଷ୍ଟ, ୨୦୧୯ର ଧରିତ୍ରୀ 'ସାହିତ୍ୟାୟନ'ରେ ପ୍ରକାଶିତ ନବୀନ ସାରସ୍ୱତ ସାଧକ ବିବିଧ ବିଶ୍ୱ ଓ ହରେକୃଷ୍ଣ ଦାଶଙ୍କୁ ପଢ଼ି ଆନନ୍ଦିତ ହେଲି। ଦୁଇଜଣ ସଫଳ ସ୍ରଷ୍ଟାଙ୍କ ଅନୁଭୂତି ଅନ୍ୟମାନଙ୍କ ପାଇଁ ଶିକ୍ଷଣୀୟ। ବାସ୍ତବରେ ପ୍ରଥମ ବହିର ବାସ୍ନା ପ୍ରଥମ ପ୍ରେମଠାରୁ ଅଧିକ ରୋମାଞ୍ଚକର। ହୃଷୀକେଶ ବାବୁ ଦେଶ ବିଦେଶର ପ୍ରସିଦ୍ଧ ସ୍ରଷ୍ଟାମାନଙ୍କର ଜୀବନୀକୁ ସାବଲୀଳ ଭାଷାରେ ପ୍ରକାଶ କରି 'ସାହିତ୍ୟାୟନ'ର ଗୌରବ ବୃଦ୍ଧି କରିଛନ୍ତି। ଏଥର ଜଣେ ଅପରାଜେୟ ନାରୀ ଲେଖିକା ଟୋନି ମୋରିସନ୍‌ଙ୍କ ଜୀବନୀ ବିଷୟରେ ଲେଖି ପାଠକ ମହଲରେ ସେ ଅଜସ୍ର ପ୍ରଶଂସାର ଅଧିକାରୀ ହୋଇଛନ୍ତି। ଟୋନି ଜୀବଦ୍ଦଶାରେ ୧୬୦ ଖଣ୍ଡ ପୁସ୍ତକ ରଚନା କରି ନାରୀ ସଶକ୍ତୀକରଣର ପରିଚୟ ଦେଇଛନ୍ତି। ମୁଁ ବିସ୍ମିତ ହେଲିଯେ, ଏଇ ଲେଖିକା ଏତେ ପୁସ୍ତକ ଲେଖିଲେ କିପରି? ବୋଧହୁଏ ଏହା ତାଙ୍କର ଅତି ମାନୁଷୀ ଶକ୍ତି। ଟୋନି ମୋରିସନ୍‌ଙ୍କ ବକ୍ତବ୍ୟ ସମସ୍ତ ଲେଖିକା ଲେଖକଙ୍କ ପାଇଁ ପ୍ରେରଣାର ଉତ୍ସ। ''ତୁମ୍ଭେ ସେହି ବହିଟିକୁ ଲେଖ, ଯାହା ଏଯାଏଁ ଲେଖା ହୋଇନାହିଁ।'' ତାଙ୍କ ଲେଖାରେ ଶୁଦ୍ଧ ଓ ନିର୍ମଳଭାବ ପରିପୂର୍ଣ୍ଣ ହୋଇ ରହିଛି।

**-ରଞ୍ଜନ ମିଶ୍ର, ଶ୍ରୀରାମଚନ୍ଦ୍ରପୁର,ସତ୍ୟବାଦୀ, ପୁରୀ**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Samajbadi Society and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ପାଲା ଲୋକଗୀତ କି ?

**–ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ**

ଓଡ଼ିଆ ସଂସ୍କୃତିରେ 'ପାଲା'ର ସ୍ଥାନ ଅନନ୍ୟ। ଓଡ଼ିଶାର ଗ୍ରାମାଞ୍ଚଳଠାରୁ ସହରାଞ୍ଚଳ ପର୍ଯ୍ୟନ୍ତ ପାଲା ତା'ର ନିଜସ୍ୱ ସ୍ଥାନ ହାସଲ କରିଛି। ପାଲା ଶବ୍ଦଟି ଏପରି ଏକ ଶବ୍ଦ, ତା'ର ବ୍ୟୁତ୍ପତ୍ତିଗତ ଅର୍ଥ କିମ୍ବା ବ୍ୟାକରଣଗତ ଅର୍ଥ ଯାହା ହେଉନା କାହିଁକି, ଲୋକ ମୁଖରେ 'କି ପାଲା ଚାଲିଛି' ଉଚ୍ଚାରିତ ହେଲେ ଆମେ ବୁଝିନେଉ ନିଶ୍ଚିତ ଯୁକ୍ତି ମାଧ୍ୟମରେ କିଛି ଆଲୋଚନା ହେଉଛି। ଏହି ଯୁକ୍ତି ସକାରାତ୍ମକ କି ନକାରାତ୍ମକ ତାହାର ବିଚାର ସ୍ୱତନ୍ତ୍ର। ପାଲା ସଂସ୍କୃତି ବାସ୍ତବରେ ଏହି ଯୁକ୍ତିର ଆଶ୍ରୟରେ ପୌରାଣିକ କଥାବସ୍ତୁ ଉପସ୍ଥାପନ କରେ। ପାଲା ଅନ୍ୟ ସମସ୍ତ ସାଂସ୍କୃତିକ କାର୍ଯ୍ୟକ୍ରମଠାରୁ ଭିନ୍ନ। ଆମେ ନାଟକ, ବିଭିନ୍ନ ନୃତ୍ୟ ଓ ସଂଗୀତ ଅଥବା ଗୋଷ୍ଠୀଗତ ଗାନ ଦେଖୁଛୁ, ହେଲେ ପାଲାର ଢାଞ୍ଚା ସମ୍ପୂର୍ଣ୍ଣ ଭିନ୍ନ। ପାଲା ଓଡ଼ିଶାର ଐକିକ, ସମୃଦ୍ଧ କଳା। ଏଯାବତ୍ ଆମ ସମାଜରେ କିଛି ସଂସ୍କୃତିମନସ୍କ ଲୋକଙ୍କର ଧାରଣା ଅଛିଯେ ପାଲା ମୁସଲମାନ ଶାସନ କାଳରେ 'କବିକର୍ଣ୍ଣ'ଙ୍କଠାରୁ ଆରମ୍ଭ ହେଲା। ଏହା ସମ୍ପୂର୍ଣ୍ଣ ଅମୂଳକ। ପାଲାର ଉଦ୍ଭବ ଓ ବିକାଶ କ୍ଷେତ୍ରରେ ଗବେଷଣା କରାଯାଇଛି। ସ୍ୱର୍ଗତ ଧୀରେନ୍ ଦାଶ (ନାଟ୍ୟ ଗବେଷକ) ଓ ଗାୟକ ନିରଞ୍ଜନ ପଣ୍ଡାଙ୍କ ମିଳିତ ଲେଖା 'ପାଲା ଇତିହାସ: ପାଲା' (ସାହିତ୍ୟ ଏକାଡେମୀ ପ୍ରକାଶିତ) ଏବଂ ଡ. ଯଦୁମଣି ଦାସ, ଡ. ସନ୍ତୋଷ କୁମାର ମହାପାତ୍ରଙ୍କର ଗବେଷଣା ପୁସ୍ତକରେ ପାଲା ଯେ ବୈଦିକ କାଳରୁ ବହୁ କ୍ରମବିବର୍ତ୍ତନ ଦେଇ ଆସିଛି, ପ୍ରମାଣିତ। ଆମ ରାଜ୍ୟ ସଂଗ୍ରହାଳୟରେ ପାଲା କଳାର ଯେଉଁ କଳାକାର ପ୍ରତିମୂର୍ତ୍ତି ସଂରକ୍ଷିତ, ତାହା ହିଁ ପ୍ରାଚୀନ କାଳର ସ୍ୱାକ୍ଷର।

**ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀଙ୍କ ଜନ୍ମ ୧୯୫୧ରେ, କେନ୍ଦୁଝର ଜିଲା ମୌଦା ଗାଁରେ। ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ ପାଣିଗ୍ରାହୀ ପେସାରେ ପାଲା ଗାୟକ। ଗଳ୍ପ, କବିତା ଓ ସ୍ତମ୍ଭ ରଚନାରେ ପାରଦର୍ଶିତା ପାଇଁ ରାଜ୍ୟସ୍ତରୀୟ ବହୁ ପୁରସ୍କାର ଓ ସମ୍ମାନରେ ସମ୍ମାନିତ। 'ଆକାଶବାଣୀ' ଓ 'ରାଜ୍ୟ ସଂଗୀତ ନାଟକ ଏକାଡେମୀ'ରେ 'ପାଲା'କୁ ଯେପରି ଲୋକଗୀତ ପର୍ଯ୍ୟାୟଭୁକ୍ତ କରାଯାଇଛି, ସେଥିରେ ସମ୍ମତ ନ ହୋଇ ଏହାକୁ ସେ 'ସାହିତ୍ୟ ସୁରକ୍ଷା କଳା' ବୋଲି ମତ ଦିଅନ୍ତି।**

ପାଲା କଳା ଅନ୍ୟ ସମସ୍ତ କଳା ଭଳି ଏକ ଲୋକକଳା, ମାତ୍ର ଏହା ଲୋକଗୀତ ନୁହେଁ। ଯେଉଁମାନେ ଡ. କୁଞ୍ଜ ବିହାରୀ ଦାଶଙ୍କ 'ଲୋକଗୀତ ସଞ୍ଚୟନ' ପଢ଼ିଛନ୍ତି, ସେମାନେ ଏହା ମୁକ୍ତକଣ୍ଠରେ ସ୍ୱୀକାର କରିବେ। ସବୁଠାରୁ ଦୁଃଖର କଥା, ଏ ଯାବତ୍ ଆକାଶବାଣୀରେ ଏହା ଲୋକସଂଗୀତ ପରିସରଭୁକ୍ତ ହୋଇ ରହିଛି। ଆକାଶବାଣୀରେ ନାଟକ ପାଇଁ ସ୍ୱତନ୍ତ୍ର ଧାନ ଓ ବିଭାଗ ନିର୍ଦ୍ଧାରଣ କରାଯିବାବେଳେ ପାଲା ଲୋକଗୀତ ପର୍ଯ୍ୟାୟଭୁକ୍ତ ହୋଇଛି। କେବଳ ଦୂରଦର୍ଶନରେ 'ଲୋକଗୀତ କ୍ରମରେ ପାଲା' ବୋଲି କୌଣସି ସୂଚନା ଦିଆଯାଉ ନାହିଁ। ବର୍ତ୍ତମାନ ଭୁବନେଶ୍ୱର ଦୂରଦର୍ଶନ, ପ୍ରାର୍ଥନା ଏବଂ ଅନ୍ୟ ଗୋଟିଏ ଦୁଇଟି ଚ୍ୟାନେଲରେ ପାଲା ପ୍ରଦର୍ଶିତ। ପାଲାର ପ୍ରସାରଣରେ ଏବେ ପ୍ରାର୍ଥନା ଚ୍ୟାନେଲ୍ ସର୍ବାଗ୍ରେ ରହିଛି। ତେବେ ପ୍ରସାରଣରେ ଆଧିକ୍ୟ ପ୍ରଦର୍ଶନ ତୁଳନାରେ ପ୍ରାର୍ଥନା ଚ୍ୟାନେଲର ସବୁଠାରୁ ଗୁରୁତ୍ୱ ବିଭାବ ହେଉଛି 'ତର୍କେ ବହୁ ଦୂର' କାର୍ଯ୍ୟକ୍ରମ। ଏଥିରେ ପୌରାଣିକ ସନ୍ଦେହମୂଳକ ପ୍ରଶ୍ନୋତ୍ତର ଜନମାନସରେ ଅଧିକ କୌତୂହଳ ଓ ଜ୍ଞାନ ପିପାସା ଜାଗ୍ରତ କରିଛି। ପାଲା ମଞ୍ଚସ୍ଥ ହେବାବେଳେ ମଧ୍ୟ ଏହି ପ୍ରଶ୍ନୋତ୍ତର ଆସିଥାଏ। ମଞ୍ଚରେ ଏହା ପୁରାଣସମ୍ମତ ଭାବେ ସମାଧାନ ହେଉଥିବାବେଳେ ପ୍ରାର୍ଥନାରେ ଏହାର ବୈଜ୍ଞାନିକ ସିଦ୍ଧାନ୍ତ ଅଛି କି ନାହିଁ ବିଚାର କରାଯାଉଛି।

ଏଠାରେ ପ୍ରଶ୍ନ ଆସୁଛି, ପାଲା ଭଳି ଅନ୍ୟ କୌଣସି କଳାରେ ଏପରି ସୈଦ୍ଧାନ୍ତିକ ପ୍ରଶ୍ନୋତ୍ତର ଅଛି କି? କେହି କହିପାରେ 'ଗୋପାଳଙ୍କ ଓଗାଳ'ରେ ପ୍ରଶ୍ନୋତ୍ତର ଅଛି। ତାହା ପାଲା ସହ ସମାନ ନୁହେଁ। ପାଲାରେ କେବଳ ଯେ ପୌରାଣିକ ଆଖ୍ୟାୟିକାର ଅବତାରଣା ହୁଏ, ତାହା ନୁହେଁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପାଲାରେ ଓଡ଼ିଆ, ସଂସ୍କୃତ, ହିନ୍ଦୀ, ଇଂରାଜୀ, ବଙ୍ଗଳା ସାହିତ୍ୟର ମଧ୍ୟ ଉପସ୍ଥାପନା ଓ ବିଶ୍ଳେଷଣ କରାଯାଇଥାଏ। ଓଡ଼ିଶାରେ ବର୍ତ୍ତମାନ ଥିବା ଭଞ୍ଜ ସାହିତ୍ୟ ଗବେଷକ ଡ. ରଜତ କୁମାର କର ମଧ୍ୟ ପାଲା ଗାୟକମାନଙ୍କୁ ଜଣେ ଜଣେ ସାହିତ୍ୟ ସମୀକ୍ଷକ ଭାବେ ଗ୍ରହଣ କରିଛନ୍ତି। ଓଡ଼ିଶାର ପାଲା ଗାୟକ, ଗାୟିକାଗଣ ସାରଳା ଯୁଗଠାରୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ପ୍ରାୟଶଃ ଅଧିକାଂଶ ରଚନା ପାଠ କରନ୍ତି। ପାଲାରେ ତିନୋଟି ବିଭାଗ ଥାଏ। ଗାୟକ ମୁଖ୍ୟତଃ ଗଳ୍ପାଧାରରେ ସାହିତ୍ୟର ସମୀକ୍ଷା କରନ୍ତି। ବାୟକ ବାଦ୍ୟରେ ତାଳାଦିର ସମୀକ୍ଷା ଓ ପାଳିଆମାନେ ସଙ୍ଗୀତର ରାଗ, ଆରୋହ, ଅବରୋହ ଏବଂ ଆଧୁନିକ ସଙ୍ଗୀତର ପରିବେଷଣ କରନ୍ତି। ଏସବୁ ସତ୍ତ୍ୱେ ପାଲାରେ ନୃତ୍ୟର ଭୂମିକା ମଧ୍ୟ ନ୍ୟୂନ ନୁହେଁ। ଓଡ଼ିଶାର ପାଲା ପୁରାଣ, ଇତିହାସ, ବିଜ୍ଞାନ, ସ୍ୱାଧୀନତା ସଂଗ୍ରାମ, ଆଇନ ଓ ପରିବାର ସଂସ୍କାର କଥା କହିଥାଏ। ତଥାପି ଆମେ ପାଲାକୁ ଲୋକଗୀତ କହି ଉଦ୍ଦେଶ୍ୟମୂଳକ ଭାବେ ନ୍ୟୂନ କରିଛୁ। ଦେଖାଯାଉଛି ସମାଜରେ ସଙ୍ଗୀତଜ୍ଞ, ଅଭିନେତା, ପ୍ରବଚକ ଓ ଅନ୍ୟ ନୃତ୍ୟ ଦଳଗୁଡ଼ିକ ଯେତେ ସମାଦର ପାଉଛନ୍ତି, ପାଲା ସେହି ତୁଳନାରେ ଆଦୃତ ନୁହେଁ। ଏ ସବୁର ସାଧକମାନେ ଯେ ଜ୍ଞାନୀ ନୁହନ୍ତି, ଏ କଥା ନୁହେଁ। ମାତ୍ର ଧରାଯାଉ ଜଣେ ସଙ୍ଗୀତଜ୍ଞ ସାଧାରଣ ଜନତାଙ୍କୁ ଗୀତ ଶୁଣାଇବାବେଳେ କେହି ଶ୍ରୋତା ପଚାରେ ନାହିଁ ଯେ, ଏ ଗୀତର ରାଗ କ'ଣ, ଏହାର ତାଳ କ'ଣ ? କିନ୍ତୁ ପାଲାରେ ଏକଥା ପଚାରି ବୁଝିବା ପାଇଁ କୌଣସ ଶ୍ରୋତା ବାଧା ପାଏନା। କେତେଜଣ ସାଧାରଣ ଲୋକ ପ୍ରକାଶିତ ଗରିଷ୍ଠ ସାହିତ୍ୟ ପତ୍ରିକା ପାଠ କରନ୍ତି ? ସେହି ପତ୍ରିକାରେ ସମାଲୋଚନାମାନଙ୍କରେ କବିଙ୍କ ରଚନାର ବିଭିନ୍ନ ଦିଗ ଏବଂ ସମାନ୍ତରାଳ ଦୃଷ୍ଟିଭଙ୍ଗୀର ଆଲୋଚନା ଥାଏ। ମାତ୍ର ପାଲାମଞ୍ଚରେ ଜଣେ ଗାୟକ କବି ପରିଚୟ, ତାଙ୍କ ରଚନାର ବୈଶିଷ୍ଟ୍ୟ ଏବଂ ସମାଜ ଜୀବନରେ ତା'ର ମୂଲ୍ୟବୋଧ ପ୍ରସଙ୍ଗ ଆଲୋଚନା କରିଥାଏ। ଏହାକୁ ଶୁଣି ଜଣେ ସାଧାରଣ ଶ୍ରୋତା ମଧ୍ୟ ଶ୍ରାବ୍ୟଜ୍ଞାନ ଲାଭ କରେ। ଅଧ୍ୟାପକ ଗୌରୀ କୁମାର ବ୍ରହ୍ମା କହୁଥିଲେ, ଜଣେ ପାଲା ଶ୍ରୋତା ମଧ୍ୟ ଓଡ଼ିଆ ସାହିତ୍ୟର ଅଜ୍ଞାତ ସମୀକ୍ଷକ ହୋଇଯାଏ। ଏହି ସୁଯୋଗ କୌଣସି ଲୋକକଳା ଅଥବା ଲୋକଗୀତରେ ନାହିଁ।



ଏବେ ଓଡ଼ିଶାରେ ପାଲା କଳାର ବହୁଳ ପ୍ରସାରଣ ନାହିଁ। କିନ୍ତୁ ସତୁରି ଶତାଂଶ ରହିଛି। ରାଜ୍ୟରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବିଭିନ୍ନ ମନୋରଞ୍ଜନଧର୍ମୀ ମାଧ୍ୟମ ବଢ଼ିଯିବାରୁ ଏହି ପ୍ରଜ୍ଞାଶୀଳ କଳା ପ୍ରତି ଲୋକେ ପ୍ରଲୋଭିତ ନୁହନ୍ତି। ଅବଶ୍ୟ ଆମ ସରକାର ପ୍ରତି ବ୍ଲକରେ 'କଳାକାର ପରିଷଦ' ଗଠନ କରିଛନ୍ତି। ମାତ୍ର ତାହା ପୂର୍ଣ୍ଣରୂପେ ସକ୍ରିୟ ନୁହେଁ। ଏ ଯାବତ୍ ଆମ ରାଜ୍ୟର ସଙ୍ଗୀତ ନାଟକ ଏକାଡେମୀରେ ପାଲା 'ଲୋକସଙ୍ଗୀତ' ବର୍ଗର ଅନ୍ତର୍ଭୁକ୍ତ ହୋଇ ରହିଛି। ପ୍ରତିବର୍ଷ ଏକାଡେମୀ ଦ୍ୱାରା 'ପାଲା ମହୋତ୍ସବ' ହେଉଛି। ମାତ୍ର ଏହି ପ୍ରଜ୍ଞାଶୀଳ ସମୃଦ୍ଧ କଳାକୁ ସ୍ୱତନ୍ତ୍ର ଶ୍ରେଣୀରେ ରଖାଯାଇ ପାରିନାହିଁ। ସରକାର ଏଥିପ୍ରତି ଯତ୍ନଶୀଳ ହୋଇ ବୁଦ୍ଧିଜୀବୀଙ୍କ ପରାମର୍ଶରେ ପାଲାକୁ ଏକ ସ୍ୱତନ୍ତ୍ର ସ୍ଥାନ ଦେଲେ ପାଲାର ଗରିମା ନିଶ୍ଚିତ ବୃଦ୍ଧି ହେବ। ଆମେ କହୁଛୁଯେ, ଆମ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ହେଉ। ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତାଠାରୁ ନାନା ଭାଷା ବିକାଶ ଆନ୍ଦୋଳନ ଚାଲୁଛି। କିନ୍ତୁ ଯେଉଁ ପାଲାକଳା ତା'ର ସୃଷ୍ଟିଠାରୁ ଏ ଯାବତ୍ ଏହି ଆଦର୍ଶକୁ ଆପଣେଇ ସାହିତ୍ୟର ସେବାରେ ଲାଗିଛି, ତାକୁ ଆମେ 'ଲୋକଗୀତ' କହି ''ଧୋ'ରେ ବାଇଆ ଧୋ'' ଗୀତ ଭଳି ମିଥ୍ୟା ଆଶ୍ୱାସନା ଦେଇ ଚୁପ୍ ରହୁଛୁ। ପାଲାକୁ ଆମେ 'ସାହିତ୍ୟ ସୁରକ୍ଷା କଳା' କହିପାରିବୁ କି ? ଏଥିପାଇଁ ନାନା ପ୍ରଶ୍ନ ଆସିପାରେ। ମାତ୍ର ସରକାରଙ୍କ ସାମାନ୍ୟ ଉଦ୍ୟମ ଓ 'ଶ୍ରୀନୀଳାଚଳ ନିଖିଳୋତ୍କଳ ପାଲା ଗାୟକ ପରିଷଦ'ରେ ସହଯୋଗ ଯଦି ଏକତ୍ର ହୁଏ, ତେବେ ଏହା ନିଶ୍ଚିତ ସ୍ୱତନ୍ତ୍ର ପରିଚୟ ପାଇବ ଏବଂ ଓଡ଼ିଶାରେ ଭାଷା ସୁରକ୍ଷାର ଅନ୍ୟ ଏକ ଦୃଢ଼ ସ୍ତମ୍ଭ ହୋଇପାରିବ, ଏଥିରେ ସନ୍ଦେହ ନାହିଁ।

***– ସତ୍ୟନଗର, ଡଅଁର, କେନ୍ଦୁଝର***

---

ଲଘୁ ଗଳ୍ପ



# ଠୁଙ୍ଗା

**–ସତିଶ୍ ପାଣ୍ଡେ**

ସେ ଦିନ ବସ୍‌ଷ୍ଟାଣ୍ଡ୍‌ରେ ଠିଆ ହୋଇଥାଏ। ମଧ୍ୟାହ୍ନ ସମୟ। ଜଣେ ଅନ୍ଧବ୍ୟକ୍ତି ବସ୍‌ରୁ ଓହ୍ଲାଇଲେ, ପ୍ୟାଣ୍ଟ୍‌ଶାର୍ଟ ପିନ୍ଧିଥା'ନ୍ତି। ହାତରେ ଥାଏ ଖଣ୍ଡେ ବାଡ଼ି। ହେଲେ ପାଦରେ ଚପଲ ନ ଥାଏ। ପଚାରିଲେ ଏଠୁ ରଦି କାଗଜ ଗୋଦାମ କେତେ ବାଟ ? ଜଣେ ଦୁଇଜଣ କହିଲେ, ଦୁଇ କିଲୋମିଟର ହେବ। ସେ ଗୋଦାମ ଆଡ଼କୁ ଚାଲିବା ଆରମ୍ଭ କଲେ। ମନ ମୋର ସମ୍ଭାଳି ହେଲାନି। ଗାଡ଼ି ଷ୍ଟାର୍ଟ କଲି, ପାଖକୁ ଯାଇ କହିଲି– ବସନ୍ତୁ ଛାଡ଼ିଦେବି। ରଦି କାଗଜ ଗୋଦାମରେ ପହଞ୍ଚିବା ପୂର୍ବରୁ ବାଟରେ ପଚାରିଲି– ରଦି କାଗଜ କ'ଣ ଆବଶ୍ୟକ ? ଉତ୍ତର ଥିଲା– ସରକାର ପରିବେଶର ସୁରକ୍ଷା ପାଇଁ ଜରି ପଲିଥିନ ଉପରେ ପ୍ରତିବନ୍ଧକ ଲଗାଇଛନ୍ତି। ତେଣୁ କାଗଜ ଠୁଙ୍ଗାର ଆବଶ୍ୟକତା ବଢ଼ିଯାଇଛି। ଆଜକୁ କୋଡ଼ିଏ ପଚିଶ ବର୍ଷ ତଳେ ଠୁଙ୍ଗା ତିଆରି କରି ପରିବାର ଚଳାଉଥିଲି। ସ୍ତ୍ରୀ ସାହାଯ୍ୟ କରେ। ଏବେ ସମସ୍ତେ ମିଶି ଠୁଙ୍ଗା ତିଆରି କରିବୁ। କଥା ମଝିରେ ପଚାରିଲି– ଚପଲ ପିନ୍ଧିନାହାନ୍ତି ? ଅତି ସୁନ୍ଦର ଉତ୍ତର ଥିଲା, ଚପଲ ପିନ୍ଧିଲେ ବାଟ ଜାଣିପାରିବି ନାହିଁ। ବିନା ଚପଲରେ ବାଟ ଜାଣିପାରେ। ଏଥର ରଦି କାଗଜର ଗୋଦାମ ଆସି ପହଞ୍ଚି ଯାଇଥିଲା। ଉକ୍ତ ବ୍ୟକ୍ତିଙ୍କୁ ସେଠାରେ ଛାଡ଼ି ମୁଁ ଫେରି ଆସିଲି। ବାଟରେ ଭାବିଲି, ପ୍ରକୃତରେ ସମାଜରେ ସମ୍ମାନର ସହ ବଞ୍ଚିବାର କଳା ଏହିମାନଙ୍କ ନିକଟରୁ ଶିଖିବା ଆବଶ୍ୟକ।

**– ପୁରୁଷଣ୍ଡ, ପୋ/ଭା: ରେଞ୍ଚ, ନିମାପଡ଼ା, ପୁରୀ**

## ସ୍ମରଣୀୟ

ପ୍ରଦୀପ ନାୟକଙ୍କ ଜନ୍ମ ୧୯୬୪ରେ, କେନ୍ଦ୍ରାପଡ଼ା ଜିଲା ବନ୍ଧପଡ଼ା ଗାଁରେ। ପ୍ରକାଶିତ ଗଳ୍ପଗ୍ରନ୍ଥ: 'ମୌନ ଭଗ୍ନାଂଶ' (୨୦୦୦), 'ମାଟିଘୋଡ଼ା' (୨୦୦୮), 'ମଣିଷନାମା' (୨୦୧୩), 'ମଲାଙ୍ଗ' (୨୦୧୪) ଓ 'ମହାଭାରତୀୟ' (୨୦୧୬)। ଉପକୂଳରେ ବଢ଼ୁଥିବା ଶରଣାର୍ଥୀ ଓ ଅନୁପ୍ରବେଶକାରୀଙ୍କ ସମସ୍ୟା, ସାମୁଦ୍ରିକ ଝଡ଼ବାତ୍ୟାର ଶିକାର ହେଉଥିବା ଜନପଦର ଦୈନ୍ୟ ସାଙ୍ଗକୁ ଗ୍ରାମାଞ୍ଚଳରୁ ହଜିଯାଉଥିବା ସଂସ୍କୃତି ଓ ମାନବୀୟ ସଂପର୍କର ମାର୍ମିକ ଚିତ୍ର ଲେଖକଙ୍କର ଅଧିକାଂଶ ଗଳ୍ପରେ ରୂପ ଘେନେ। ଏଥରର 'ସ୍ମରଣୀୟ'ରେ ତାଙ୍କର ଏକ ବହୁପଠିତ ଗଳ୍ପ 'ମୁଁ ଗୋଖାଛୁଆ'...



ପ୍ରଦୀପ ନାୟକ

# ମୁଁ ଗୋଖାଛୁଆ

ଲୋଲୋର ଆଖି ଦି'ଟାକୁ ଚାହିଁ ଯେ କେହି କହିବ, ତା' ସାମ୍ନାରେ କ୍ରୋଧର ପଞ୍ଚମତାନରେ ଠିଆ ହେଇଥିବା ତା' ବାପାକୁ ସିଏ ଚାହିଁନାହିଁ, ବରଂ ନିଜ ଭିତରର ଅପାରଗତାକୁ ଚାହିଁ ରହିଛି। ଅଭିମାନରେ ମୁହଁଟା ଫୁଲାଫୁଲା।

ଦୀନନାଥ ଘଡ଼େଇର ଗୋଟାଏ ଶକ୍ତ ନାତ ବସିସାରିଛି ତା' ପିଚାରେ। କାଦୁଅ ସରସର ହେଇ ବସିପଡ଼ିଛି ଲୋଲୋ। ବାପା ତାକୁ ନାତ ମାରିସାରି ବଳକା ଓରିମାନା ମେଣ୍ଟଉଚି ଗାଳିରେ– ଶଅଳା... ଦୋବିଜା, ତୁ ଗୋଖାଛୁଆ ନୁହଁ ବେ। ଏଥିସହ ଆଉ କିଛି ମୁଦ୍ରଣ ଅଯୋଗ୍ୟ ଭାଷାକୁ ଗାରୁଗାରୁ ହଉଛି।

ଲୋଲୋର ହାତରୁ ମାଗୁର ମାଛଟା ହୁଡ଼ାତଳ ନାଳରେ କେବେଠୁଁ ଖସିଗଲାଣି। ସିଏ ଭାବୁଚି, ଭୁଲ୍‌ଟା ରହିଲା କଉଠି? ବାପା ଭଉଁରିଜାଲର ମୁଠା ସଜାଡୁ ସଜାଡୁ କହୁଛି– ମାଗୁର ମାଛକୁ ଲାଞ୍ଜ ପଟୁ ଧରିବୁ! ତୋ' ବୁନିଆଦିରେ କିଏ ଧରିଚି ନା ତୁ ଆଜି ଧରୁଚୁ ବେ!

ଶ୍ରାବଣ ମାସ ଅଧାଅଧି ବେଳକୁ ଉଭାନ୍ ହେଇଯାଇଥିବା ମଉସୁମୀ କାଲିରାତିଠୁ ଲୋଟିପଡ଼ିଚି ପୃଥିବୀ ଛାତିରେ। ଝଡ଼ି। ନାଳିମୁହଁରେ ବିଲପାଣି ତୁ ତୁ ଗଡୁଚି। ନୂଆ ପାଣିକି ଉନ୍ମତ୍ତ ମାଛଗୁଡ଼ା ଉଠି ଆସୁଚନ୍ତି ବିଲ ଉପରକୁ। ଏଇ ବେଳ ଉଣ୍ଡି ସକାଳୁ ସକାଳୁ ଲୋଲୋକୁ ସାଙ୍ଗରେ ଧରି ଦୀନନାଥ ବାହାରିଚି ଜାଲ ନେଇ। ପ୍ରଥମ ଖେପାରେ ଆଠ ଦଶ ମାଛ ସାଙ୍ଗକୁ ବଡ଼ ଗୋଟେ ମାଗୁର। ଆଗେ ମାଗୁରଟାକୁ ଲୋଲୋ ଆଡ଼କୁ ଫୋପାଡ଼ି ଦେଇ ଦୀନନାଥ ଅନ୍ୟ ମାଛ ଝାଡ଼ିବାରେ ବ୍ୟସ୍ତ। ପୁଅ କାଦୁଅ ପଚପଚ ହୁଡ଼ା ଉପରେ, ଯେତେ ଚେଷ୍ଟା କରୁଚି ମାଛଟାକୁ ଆୟତ୍ତ କରିବାକୁ, ଲାଳ ପଚ୍‌ପଚ୍ ମାଛଟା ଖସିଯାଉଚି ହାତରୁ। ସିଏ ଲାଞ୍ଜପଟୁ ଜାବୁଡ଼ି ଧରୁଚି ତ ମାଛଟା ବୁଲିପଡ଼ି କଣ୍ଟାରେ ବିନ୍ଧିଦଉଚି ତା' କଅଁଳ ହାତରେ। ଏମିତି 'ମତେ ଛୁଁ– ମତେ ଧ' ଖେଳରେ ମାଗୁରଟା ହୁଡ଼ାତଳକୁ ଖସିଯାଇ ଏକଦମ୍ ପାଣିରେ। ବାସ୍ ନିଆଁ ଲାଗିଯାଇଚି ଦୀନନାଥ ମଗଜରେ।

ଲୋଲୋ ଖାଲେଇକି କଚାଡ଼ି ଦେଇ ଓଦା ସରସର ହେଇ ଡିଆଁ ମାରିଲା ଘରକୁ। କାନ୍ଦକାନ୍ଦ ହେଇ ବୋଉକୁ ସବୁ କହିଲା। ଏକଥା ମଧ୍ୟ ଭୁଲିଲା ନାହିଁ କହିବାକୁ ଯେ, ବାପା ତାକୁ ଗୋଟେ ଅଖାଡୁଆ ଗାଳିଦେଲେ–ଦୋବିଜା।

ଚୁଲିକି ନୁଣ୍ଡା ଦଉଥିବା ଫୁଲମନିର ହାତ ଟିକିଏ ଥମ୍‌କି ଯିବାଟା ଲୋଲୋ ଦେଖିପାରିଲା। କିନ୍ତୁ ଯଉଟା ତା' ଆଖିରେ ପଡ଼ିଲା ନାହିଁ, ସେମିତି କିଛି ଅଟକିଗଲା ବୋଉର ଛାତି ଭିତରେ। ମନେମନେ କ'ଣ ଯେ ବଜର ବଜର ହେଲା ଫୁଲମନି, ଲୋଲୋକୁ କିଛି ହେଲେ ଶୁଭିଲା ନାହିଁ। ମଉଳା ମଉଳା ସ୍ୱରରେ ବୋଉ କହିଲା– ହଉ ତୁ ଯା, ଧୋଇଧାଇ ହେଇ ଆ, ମୁଁ ଖାଇବା ବାଢ଼ୁଚି। ଟିଉସନକୁ ଯିବୁ ପରା?

ଲୋଲୋର ଆଘାତ ପାଇଁ ବୋଉର ଏ କଥା ସାମାନ୍ୟ ମଲମ ପରି ମଧ୍ୟ ହେଲାନାହିଁ। କିଛି ନ ହେଲେ ସିଏ କହନ୍ତାନି– ହଉ, ବାପା ଆସନ୍ତୁ, ଆଜି ତାଙ୍କୁ ପଚାରିବି, ଏଡ଼େ ବକଟେ ପିଲାକୁ ସିଏ ଲାତ ମାରିବେ! ତାକୁ କୁଭାଷାରେ ଗାଳିଦେବେ! ହେଲେ କେଜାଣି କାହିଁକି ବୋଉ ସେମିତି କିଛି କହିଲାନି। ଚୁଲି ଜଳୁଚି। ଲୋଲୋ ଜଳନ୍ତା ମନକୁ ନେଇ ପୋଖରୀ ଆଡ଼କୁ ଚାଲିଗଲା।

ସେବେଠୁଁ ଫୁଲମନି କୁହୁଳୁଚି ଅଶାନ୍ତିରେ। ପୁଅ କଥାରେ ନିଆଁଖୁଲ ଟିକକ ମନର କଉ ପାଉଁଶ ଗଦା ତଳେ ଉହଳ ଉଠେଇ ତାକୁ ଜଳେଇ ଦଉଚି।

ଦୀନନାଥକୁ ବାହାହେଇ ଆସିବାର ଦିନଟିଏ ସ୍ୱାମୀ ସୋହାଗ ତା' ଭାଗ୍ୟରେ ଯୁଟିଥିବ କି ନାଇଁ, ତା' ଉତ୍ତାରେ ଏମିତି ରଇଜଳା କଥା ଫୁଲମନି ଶୁଣିଆସୁଚି ଖୋଦ୍ ତା' ମରଦ ମୁହଁରୁ... ସିଏ କାଳେ ବେଧ ପକେଇ ଛୁଆ ଜନ୍ମ କରିଚି– ଲୋଲୋ ଦୀନନାଥର ପୁଅ ନୁହଁ, ସ୍କୁଲ୍ ମାଷ୍ଟର ବିବିଧର ଛୁଆ।

କାହ୍ନୁପୁର ଗାଁର ପ୍ରାଇମେରୀ ସ୍କୁଲ୍‌ରେ ବିବିଧ ପାଠ ପଢ଼ାଏ। ଘରଠୁଁ ଦୂରରେ ଆସି ରହୁଥିବାରୁ ଗାଁ ଲୋକେ ପାଳିକରି ତା' ଖାଇବା ବ୍ୟବସ୍ଥା କରିଛନ୍ତି। ଯେଉଁ ଦିନ ଦୀନନାଥର ପାଳି ପଡ଼େ ମାଷ୍ଟର ପାଇଁ, ଫୁଲମନି କୁଆଡ଼େ ନ'ତିଅଣ ଛ'ଭଜା କରିବାକୁ ଲାଗିପଡ଼େ। ଆଗରେ ପଛରେ, ବଳେଇ ବଳେଇ ମାଷ୍ଟର ଥାଳିରେ ମାଛ ମଞ୍ଜି ଟିକିଏ, କଙ୍କଡ଼ାପୋଡ଼ା ଟିକିଏ, ନଇଲେ ପାତିଳି ଶୁଖୁଆ ରସୁଣ ଛେଚା ଗୁଞ୍ଜିଦିଏ। ଏତକ କରିବା ପଛରେ ମନରେ ଯେତିକି ଥାଏ ତା' ପୁଅକୁ ଟିକେ ଜିଗର କରି ପଢ଼େଇବା ଆଶା ତା'ଠୁ ଅଧିକ ଥାଏ– 'ମାଷ୍ଟରର ମନକୁ ତା' ଆଡ଼କୁ ଟାଣି ଆଣିବାରେ।' ମାଷ୍ଟର ବି ସେମିତି। ଘର ଛାଡ଼ି ଏଇ ସମୁଦ୍ରକୂଳିଆ ଗାଁରେ ମାସମାସ ଧରି ପଡ଼ି ରହୁଥିବାରୁ ଫୁଲମନି ସାଙ୍ଗରେ ଭାବ ଜମେଇଚି। ସ୍କୁଲ ପରେ ଲୋଲୋକୁ ପଢ଼େଇବା ବାହାନାରେ ଚାଲିଆସେ ତା' ନାପୁଚିଆ ଘରକୁ।

ଦୀନନାଥର ସନ୍ଦେହୀ ମନରେ ଥାଏ, କାଇଁକି ମାଷ୍ଟର ଆସୁଚି ତା' ଘରକୁ। ପାଳିଦିନ କାଇଁକି ଖାଇବା ପଠାଇ ଦିଏନାହିଁ ଫୁଲମନି? ତାକୁ ଖାଇବାକୁ ଦେଲାବେଳେ କ'ଣ ଦେଖିକି ତା' ଛାତି କରତି ହୁଏଯେ ଖସିପଡ଼େ ପିନ୍ଧାକାନି। ଭାତଥାଳି ପାଖରେ ନଇଁ ପରଷିବାବେଳେ ମାଷ୍ଟରର ଆଖି କଉଠି ଗୁଞ୍ଜି ହେଇଯାଏ! ଦେଖେଇ ଦେଖେଇ କାଇଁକି ସିଏ ଲୋଲୋକୁ ଜାବୁଡ଼ି ଧରି ଗେଲ କରି ପକାଏ। ହାଃ, ମାଷ୍ଟର ନା ଘୋଡ଼ାଡିମ୍ବ ଲୁଙ୍ଗୁଡ଼ା।

କଅଁଳ ଗାଧୁଆ ବେଳକୁ ଦୀନନାଥ ଘରକୁ ଫେରିଲା। ମାଛ ଖାଳେଇଟା ଅଜାଡ଼ି ଦେଲା ଅଗଣାରେ। କିଲ୍‌କିଲ୍ ହେଇ କେତେଟା ମାଛ ଖେଳିଗଲେ। ରୋଷେଇଘର ଆଡ଼କୁ ଚାହିଁ ସିଏ ଡାକିଲା– କୁଆଡ଼େ ଗଲୁ କି, ମାଛ ରଖ୍ ମୁଁ ଯାଏ ଗାଧେଇ।

ଫୁଲମନି ରୋଷଘରୁ ବାହାରି ଆସିଲା। ଦୀନନାଥ ମୁହଁରେ ପୌରୁଷର ହସ। ଆଶା କରିଚି, ଏତେ ମାଛକୁ ଦେଖି ଫୁଲମନି ନିଶ୍ଚେ ତା' ପାରିଲାପଣିଆକୁ ତାରିଫ୍ କରିବ। ଅବଶ୍ୟ କହିବ ସମୁଦ୍ରରେ ଜାଲଡିଂଗି ନେଇ ମାଛ ମାରିବା ଲୋକ ଭଉଁରି ଜାଲରେ ବି ମାହିର୍ ହେଇଗଲାଣି।

ଫୁଲମନି ମାଛଆଡ଼କୁ ଗୋଟେ ଅନାସକ୍ତ ଚାହାଣି ଫିଙ୍ଗିଦେଇ ରହିଗଲା। ପଦୁଟିଏ ବି କଥା କହିଲା ନାହିଁ। ସରାଗବିହୀନ ମୁହଁ ଦିଶୁଚି ଭାରିଭାରି।

ସ୍ତ୍ରୀ ମୁହଁରୁ ପଦେ କଥା ଶୁଣିଲେ ଦୀନନାଥ ତା' ମନ ଭରିଯାଆନ୍ତା। ସେଇ ଆଶାରେ ସ୍ତ୍ରୀକୁ କଥା କୁହାଇବା ପାଇଁ କହିଲା– ''ଦେଖିଲୁ ଦେଖିଲୁ, ସେ ମାଗୁର ମାଛଟାକୁ, ବିହନରେ ଫାଟିପଡୁଚି। ଶଳା କା' ପୋଖରୀରୁ ନୂଆପାଣି ପାଇ ଦଣ୍ଡାକୁ ଉଠିଆସିଚି। ବୁଝିଲୁ, ମୁଁ ଗଲାବେଳକୁ ଦଣ୍ଡା ମୁଣ୍ଡରେ କେହି ନାହାନ୍ତି। ମାଛସବୁ କବ୍‌କାବ୍ ହଉଛନ୍ତି। ସମସ୍ତେ କ'ଣ ଜାଣିପାରନ୍ତି ପାଣି ଗଡାଣି ମାଛଙ୍କ ବାଟ। ଏକା ଖେପାକେ ପରା ଆଠ ଦଶ, ଆଉରି ତୋ ଗୁଣମଣି ଗୋଟେ ଅଧକିଲ ସରିକି ମାଗୁରକୁ ଛାଡ଼ିଦେଲା। ଆରେ, ତେଣେ ମୁଁ ଜାଲ ଝାଡ଼ିବି ନା ତାକୁ ଦେଖିବି, ଏଡ଼େ ପିଲାଟେ ହେଲୁଣି ମାଛ ଗୋଟାକୁ ଧରି ପାରିବୁନି।''

ଏତେବେଳଯାଏ ଚୁପ୍‌ଚାପ୍ ଠିଆ ହେଇ ଶୁଣୁଥିବା ଫୁଲମନି ସେମିତି ତଳକୁ ମୁହଁ ପୋତି କହିଲା– ସେଇଥିପାଇଁ ତ ପିଲାଟାକୁ ଗୋଇଠା ମାରିଲ। ସେଥିରେ ମନ ଶାନ୍ତ ହେଲାନି ଯେ– ଛି... ଛି...। ଏମିତି କଥାସବୁ ନିଜ ପୁଅଟାକୁ କହିବାକୁ ତମକୁ ଟିକେ ଲାଜ ଲାଗିଲାନି।

କ'ଣଟା ମୁଁ କହିଦେଲି କି? ଶଳା ତୁ ଗୋଖାଘରେ ଜନ୍ମ ହେଇ ମାଛଧରା ଶିଖିବୁନି! ମାଗୁର ମାଛଟାକୁ ଲାଞ୍ଜପଟୁ ଧରୁଚୁ!

ସେଇଥିପାଇଁ ମତେ ଖୁଣ୍ଟା ଦେଇ ଦେଇ ଶେଷରେ ପୁଅଟା ପାଖରେ ମୁଣ୍ଡି ମାରିଲ। ପିଲାଟା ଇସ୍କୁଲ ଯାଉଚି, ସେଠି ତା' ସାଙ୍ଗମାନେ ଏଇକଥା ନ କହିବେ କାଇଁକି? ମୁଁ ତ ପରଘଇତା କରି ଛୁଆ ଜନ୍ମ କରିଚି ନା!

ଓଃ... କଥାଟା ତା'ହେଲେ ତୋ' କାନରେ ପଡ଼ିସାରିଚି। ସେଇଥିପାଇଁ ଧାନଉଁଷା ହାଣ୍ଡିପରି ମୁହଁଟା କରିଚୁ! ଗାଁସାରା ଲୋକ ତ ଆଖିମିଟିକା ମାରି ଯାହା କହୁଚନ୍ତି, ମୁଁ ଆଉ ଅଧିକ କ'ଣ କହିଦେଲି ଯେ ମହାଭାରତ ଅଶୁଦ୍ଧ ହେଇଗଲା? ଲୋଲୋକୁ ଯିଏ ଦେଖୁଚି, ସିଏ କହୁଚି ଏଇଟା ମାଷ୍ଟରର ଛୁଆ। ମାଷ୍ଟର ପରି ହେଇଚି।

ଫୁଲମନି ଦୀନନାଥର ଉତ୍ତେଜିତ ଚେହେରା ଆଗରେ ଆଉ କିଛି କହିବାକୁ ଉଚିତ୍ ମନେକଲା ନାହିଁ। ସେ ଜାଣେ, ଏଇ କଥାକୁ ନେଇ ଝଗଡ଼ା କଲେ କିଛି ଫଳ ମିଳିବ ନାହିଁ। ଓଲଟି ବିଧାଗୋଇଠା ଖାଇବା ସାର। ମନର କୋହକୁ ଚାପି ସିଏ ଘର ଭିତରକୁ ଚାଲିଆସିଲା। ଅଗଣାସାରା ମାଛ ସେଇମିତି ଖେଳେଇ ହେଇ ପଡ଼ି ରହିଥା'ନ୍ତି।

ଶୋଇବା ଘରେ ଖଣ୍ଡଖଣ୍ଡ ହେଇ କାନ୍ଦିଉଠୁଚି ଫୁଲମନି। ଗୋଟାଏ ଅବୁଝା ମଣିଷକୁ କେମିତି ବା ବୁଝେଇ ହବ। କ'ଣ କହି ବୁଝେଇବ।

ରେଡିଓ ସକାଳୁ ସକାଳୁ କହୁଚି ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେଇଚି। ସନ୍ଧ୍ୟା ସୁଦ୍ଧା କ୍ରମଶଃ ଘନୀଭୂତ ହେଇ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ ବୋଲି ଅନୁମାନ କରାଯାଉଚି। ତା' ପ୍ରଭାବରେ ଘଣ୍ଟାକୁ ଚାଳିଶରୁ ପଇଁଚାଳିଶ କିଲୋମିଟର ବେଗରେ ପବନ ବହିପାରେ। ସମୁଦ୍ର ଅଶାନ୍ତ ରହୁଥିବାରୁ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ନ ଯିବାକୁ ସତର୍କ କରାଇ ଦିଆଯାଉଛି।

ଦୀନନାଥ ତା' ଜାଲର ଛିଡ଼ି ଯାଇଥିବା ଗୁଣିଆରି ସଜାଡୁ ସଜାଡୁ ଶୁଣୁଚି ସମ୍ବାଦ। ଜାଲରେ ବାନ୍ଧିଚାଲିଚି ଗୋଟା ପରେ ଗୋଟା କାଦୁଆ ଗୋଡ଼ି। ପୁଣି ଭସାଣି ବଳଗୁଡ଼ାକୁ ପରଖୁଚି। ବେଳେବେଳେ ଲୋଲୋକୁ ଡାକ ଛାଡୁଚି– ଆରେ କାଦୁଆ ଡୋରଟା ଦେଖ ତ କଉଠି ଛିଡ଼ିଛାଡ଼ି ଯାଇନି ତ! ହେଇ ଶୁଣ୍, ରାତି ଦି'ଘଡ଼ିକି ଜୁଆର। ମଙ୍ଗ ପତରଟା ନେଇ ଚାଲ୍। ହଁ ଟର୍ଚ୍ଚ, ଛୁରି, ପାଣିଡବା ବୋଉକୁ କହ ସବୁ ସଜାଡ଼ି ଦବ। କିଛି ଭୁଲିବୁନି।

ଲୋଲୋକୁ ସାଙ୍ଗରେ ଧରି ସଞ୍ଜବୁଡ଼ାଣି ବାହୁଙ୍ଗିରେ ଜାଲକୁ ଝୁଲେଇ ଦୀନନାଥ ଚାଲିଛି ସମୁଦ୍ରଆଡ଼େ। କାନ୍ଧକୁ କାନ୍ଧ ମିଶୁ ନ ଥିବାରୁ ଖସିଯାଉଥିବା ଜାଲକୁ ନିଜ ଆଡ଼କୁ ଟାଣି ଆଣୁଚି ସିଏ। ସଞ୍ଜୁଆ ତାରା ଉଇଁଲାବେଳକୁ ଆକାଶ ଦିଶୁଚି ଖରକା ପୋଛା। କାଁଭାଁ ଅଳିଆ ପଡ଼ିବା ପରି ହାଲୁକା ବାଦଲ। ବିଡ଼ିଟାକୁ ଫୋପାଡ଼ି ଦେଇ ଡିଙ୍ଗି ପାଖରେ କାନ୍ଧରୁ ଓହ୍ଲେଇଦେଲା ଜାଲ। ଲୋଲୋ ବାହୁଙ୍ଗି ଥୋଇଦେଇ ଡିଙ୍ଗି ଉପରକୁ ଉଠେଇଲା ପାଣି ଜାର୍, ମଙ୍ଗ ଆହୁଲା ସମେତ କିଛି ଦରକାରୀ ଜିନିଷ। ଜାଲକୁ ଉଠେଇବା ଆଗରୁ ଦୀନନାଥ ଆଦେଶ ଦେଲା ଭଙ୍ଗୀରେ କହିଲା– ଆଗ ମଙ୍ଗ ତଳେ ଡବା ଅଛି, ପାଣି ବୋହି ଦେ ଡିଙ୍ଗିରୁ। ଏ ବର୍ଷ ତ ଆଲକାତରା ଟିକେ ଦେବାକୁ ବେଳ ନାହିଁ, କେତେଟା ଜାଗାରେ ବଟାଳି ଉଠିଗଲାଣି, ପାଣି ଝରୁଚି।

ଲୋଲୋ ଚୁପ୍‌ଚାପ୍ ଡିଙ୍ଗିରୁ ପାଣି ବୋହିବାକୁ ଲାଗିଲା। ପାଣି ବୁହାର ଝପ୍‌ଝପ୍ ଶବ୍ଦ ହଜିଯାଉଚି ସମୁଦ୍ରର ଲହଡ଼ିଭଙ୍ଗା ଗର୍ଜନ ଭିତରେ। ରାତି ଆକାଶରେ ଚେମେଣିଆ କେତେଟା ଚକ୍କର କାଟୁଛନ୍ତି। ଉର୍ଦ୍ଧ୍ୱକୁ ଅନେଇ ଦୀନନାଥ କହିଲା– ରେଡ଼ିଅବାଲା ସୁଦ୍ଧୁ ଗାଲୁଆ, ଘରେ ବସି ଟିଭି ଦେଖୁଥିବେ। ଛାତ ଉପରକୁ ଆସି ଆକାଶ ଚାହିଁ କହିବେ ପଶ୍ଚିମ ଓଡ଼ିଶାର ସ୍ଥାନେସ୍ଥାନେ ବର୍ଷା ହେବାର ସମ୍ଭାବନା ଅଛି। ଖରାଦାଣ୍ଡକୁ ଦେଖି କହିବେ, ଆସନ୍ତା ସପ୍ତାହରେ ମୌସୁମୀ ସକ୍ରିୟ ହେବ। ଶଳେ ଦେଶଟାକୁ ଭଣ୍ଡେଇ ଚାଲିଛନ୍ତି।

ଘଡ଼ିମାରି ଜହ୍ନ ଉଠିବା ଉଠିବା ହଉଚି। ସମୁଦ୍ର ଶାନ୍ତ। ଗଭୀର ଜଳରାଶିରେ ଶୀତଳ ସମୀରର ସ୍ୱାଗତିକା ତୋଳୁଚି ଚୂନା ଚୂନା ଲହଡ଼ି। କେଉଁଠି କେମିତି ବାଦଲ ଖଣ୍ଡେ ଆକାଶ ଛାତିକୁ ଉଠିଆସି ଜହ୍ନକୁ ଘୋଡ଼େଇ ପକଉଚି ତ ଛାଇ ଆଲୁଅର ଖେଳ ଲାଗିଯାଉଚି। ସଂବରା ଦରିଆ। ଏଇବେଳେ ଯୋଗମୁଦ୍ରାରେ ସାରାଟା ଜଳଭାଗ–ଶାନ୍ତ, ଉଦାର ଓ ନିସ୍ତରଙ୍ଗ। ସ୍ଥିର ଜଳରାଶି ଉପରେ ତାରାଫୁଲର ରାହାସ। ମଙ୍ଗରେ ଲୋଲୋ। ଦୀନନାଥ କାନ୍ଧରେ ଝୁଲେଇଥିବା ଟର୍ଚ୍ଚ ଆଲୁଅରେ ପରଖି ପରଖି ଜାଲକୁ ଖସେଇ ଚାଲୁଛି ପାଣିକି। ମାଳ ମାଳ ବଲ୍ ଭାସୁଛି। ରାତିର ନୀରବତା ଭିତରେ ଶୁଭୁଛି କେବଳ ଟୁବ୍‌ଟାବ୍ ଶବ୍ଦ।

ଜାଲକୁ ପାଣିରେ ମେଲିଦେଇ ଡହଣ ଡୋରଟାକୁ ଡିଙ୍ଗିରେ ଭିଡ଼ି ବାନ୍ଧୁବାନ୍ଧୁ ଦୀନନାଥ ଚିଡ଼ି ଉଠିଲା– ଆବେ ଡିଙ୍ଗିକି ପଶ୍ଚିମମୁଖା କରି ଟେଣ୍ଟିକି ଧ'। ଡିଙ୍ଗି ହଲୁଚି, ଭିଡ଼ିକି ବାନ୍ଧି ହଉନି। ଲୋଲୋ ଯଥାସାଧ୍ୟ ଆହୁଲା ପତରକୁ ପାଣିରେ ଭିଡ଼ିକି ଡିଙ୍ଗିକି ପଶ୍ଚିମମୁଖା କରି ରଖୁଚି। ତଥାପି ତା' ଅପରିପକ୍ୱ ହାତର ବୋଲ ମାନୁନି ଡିଙ୍ଗି। ଚକ୍କର କାଟୁଚି ଚର୍‌କି ପରି।

ଦୀନନାଥ ବାରମ୍ବାର ଡୋରଟାକୁ ପ'ନ୍ଦ କାଠରେ ଭିଡ଼ି ବାନ୍ଧୁବାନ୍ଧୁ ଖସିଯାଉଚି ଗଣ୍ଠି। ବିରକ୍ତ ହେଇ ଝିଙ୍ଗାସୁଚି ଲୋଲୋକୁ। କିନ୍ତୁ ପିଲାଟି ଯେ ସିଏ ନାଚାର। ଶେଷ ଚେଷ୍ଟାରେ କୌଣସିମତେ ଗଣ୍ଠି ପକେଇଦେଇ ଦୀନନାଥ ଉଠିଆସିଲା ମଙ୍ଗ ଆଡ଼କୁ। କହୁଣିରେ ଠେସାଏ ଦେଇ ଉଠେଇଦେଲା ଲୋଲୋକୁ। ନିଜେ ମଙ୍ଗ ସମ୍ଭାଳୁ ସମ୍ଭାଳୁ କହିଲା– ଧିକ୍ ତୋ ଜନମ କେଁ କେଁ। ଶଳା ହାଡ଼ିଘରେ ଜନ୍ମିଥିଲେ ଅବା ଚମଡ଼ା ଛାଲିଥା'ନ୍ତୁ।

ଲୋଲୋ ଅନ୍ଧାର ଭିତରେ ଯଦିଓ ବାପାର ମୁହଁ ଦେଖିପାରୁ ନାହିଁ, ତଥାପି ଗାଳିର ଭାବକୁ ବୁଝିପାରୁଚି, ମୁହଁ ଖୋଲୁନି। ତା' ବେଦନାଭରା ମୁହଁ ପରି ଦିଶୁଚି ଆକାଶରେ ଘୋଟି ଆସୁଥିବା କଳାବାଦଲ। ବଢ଼ୁଚି ପବନର ବେଗ। ଅଦୂରରୁ ଦିଶୁଚି ଲଞ୍ଚବାଲାଙ୍କ ହେଡ୍‌ଲାଇଟ୍।

ମଙ୍ଗ ଆହୁଲାକୁ କାଖତଳେ ଭିଡ଼ିଧରି ବିଡ଼ି ଲଗେଇବା ପାଇଁ ଦୀନନାଥ ଠେକାରେ ଗେଞ୍ଜିଥିବା ଲାଇଟରକୁ ଆଞ୍ଜୁଳାରେ ଉହାଡ଼ କରି ଯେତେଥର ଜଳଉଚି, ସେତେଥର ଲିଭିଯାଉଚି। ନିରାଶ ହେଇ ଆକାଶକୁ ଚାହିଁ କହୁଚି– ଜହ୍ନ ଏବେ ବୁଡ଼ିଯିବ ପରା। କାଳିଜହ୍ନିଆ ଘୋଟିଗଲାଣି। ପବନ ଟିକେ ମୁହଁ ଖୋଲିଲାଣି।

ଲୋଲୋ ଆଗ ମଙ୍ଗରେ ବସି ବାପା କଥା ଶୁଣୁଚି; ହେଲେ ସେ ସବୁରେ ତା'ର ଟିକିଏ ବି ଆଗ୍ରହ ନାହିଁ। ଡିଙ୍ଗିରୁ ଲପଟି ପଡ଼ି ପାଣିକୁ ଚଳାଚଳା ହାତରେ ଆଣି ଫିଙ୍ଗୁଚି ଏଣେତେଣେ, ହୀରାର ହାର ପରି ଚମକୁଛି ପାଣି। ଟର୍ଚ୍ଚ ଆଲୁଅରେ ହଠାତ୍ ଦୀନନାଥ ଡିଙ୍ଗି ଭିତରକୁ ଚାହିଁଦେଇ ସାପ ଦେଖିଲା ପରି ଚମକି ପଡ଼ିଲା– ଆରେ ଶଳା ମୋ ଭେଳା ବୁଡ଼ିବରେ। ଡିଙ୍ଗିରେ କ'ଣ ଡିଙ୍ଗିଏ ପାଣି। କଉଠି ଗୋଟେ ଯୋଡ଼େଇ ଖୋଲିଗଲା କି? ଆରେ ଭୂତଟା ପରି ସେଠି ବସିବୁ କ'ଣ? ଦେଖ୍ ଦେଖ୍, ପାଣି କଉଠି ହଉଚି। ବୁହା–ବୁହା ପାଣି।

ଲୋଲୋ ଛାନିଆରେ ଉଠିଆସିଲା ମଙ୍ଗ ଉପରୁ। ଟର୍ଚ୍ଚ ଆଲୁଅରେ ଦେଖିଲା, ସତକୁ ସତ ପାଣି ବୋଝେ। ପାଣି କେଉଁଠୁ ଆସୁଚି ବାରିହେଉନି। ଟିକେ ପାଣି କମିଗଲେ ହୁଏତ ଜଣାପଡ଼ିବ। ତରତରରେ ସିଏ ଡିଙ୍ଗିରୁ ପାଣି ବୋହିବାକୁ ଲାଗିଲା।

ହଠାତ୍ ଗୋଟେ ଝଟକା ଲାଗିଲା ଡିଙ୍ଗିକି। କାରଣଟା ବୁଝିବା ଆଗରୁ ପାଣି ବୋହୁଥିବା ଲୋଲୋ ପିଟି ହେଇପଡ଼ିଲା ଗୋଟେ ପଟକୁ। ଲହଡ଼ି ଧକ୍କାରେ ବହେ ପାଣି ଛିଟିକି ପଶିଗଲା ଡିଙ୍ଗି ଭିତରକୁ। ପବନର ଗତି ସାମାନ୍ୟ ବଢ଼ିଚି; ହେଲେ ଏ ଝଟକା...! ମଙ୍ଗ ପତରକୁ ଛିଟକୁଣିରେ ଲଗେଇଦେଇ ଦୀନନାଥ ଉଠିପଡ଼ି ଟର୍ଚ୍ଚ ପକେଇଲା। ପବନରେ ଦୋହଲୁଥିବା ଡହଣ ଡୋରଟା ପ'ନ୍ଦ ପଟାରେ ଘସି ହେଇ ଛିଡ଼ିଯାଇଚି।

ହେ ଭଗବାନ!

ଦୀନନାଥର ବିକଳ ସ୍ୱର ଶୁଣି ଦୋହଲୁଥିବା ଡିଙ୍ଗିର ବାଡ଼କୁ ଧରି ଧରି ବାପା ପାଖରେ ପହଞ୍ଚିଲା ଲୋଲୋ। ଦୀନନାଥ ଡିଙ୍ଗିରୁ ପାଣିକୁ ଝୁଙ୍କିପଡ଼ି ଛିଣ୍ଡି ଯାଇଥିବା ଡୋରକୁ ଭିଡ଼ି ଆଣିବାକୁ ଚେଷ୍ଟା କରୁଚି। ଜାଲଟା ବି ପବନ ମାଡ଼ରେ ଟାଣି ହେଇଯାଉଚି। ସୁତରାଂ ଡୋରଟା ହାତକୁ ଆସୁନି। ଡିଙ୍ଗିର ଗୋଟେ ମଙ୍ଗ ସାପ ଫଣା ପରି ଏପଟସେପଟ ହଉଚି।

ପ୍ରାଣପଣେ ଦୀନନାଥ ଜାଲକୁ ଭିଡ଼ିଭିଡ଼ି ଛିଡ଼ି ଯାଇଥିବା ଡୋର ପାଖରେ ପହଞ୍ଚିବାକୁ ଚାହୁଁଚି। କିନ୍ତୁ ଯେତିକି ଭିଡୁଚି, ସେତିକି ସେତିକି ଡୋରଟା ଖସିଯାଉଚି ହାତପାହାନ୍ତାରୁ। କେତେ କଷ୍ଟ ପରେ ଡୋରର ମୁଣ୍ଡଟା ହାତକୁ ଆସିବାରୁ ବାପା ଚିଲ୍ଲଉଚି–ଆରେ ମଙ୍ଗତଳେ ପାଗଡ଼ଟା ଅଛି, ବାହାର କରି ଜଲଦି ଆଣ୍।

ଲୋଲୋ ଗଛକୁ ଚଢ଼ିଲା ପରି ହାମୁଡ଼ି ହାମୁଡ଼ି ଆର ମଙ୍ଗରୁ ଦଉଡ଼ି ଆଣିଲା ବେଳକୁ ଡୋରଟା ଖସିଗଲାଣି। ଡିଙ୍ଗି ବାଡ଼ରେ ଗୋଡ଼ ଭିଡ଼ି ଦେଇ ପାଣି ଭିତରକୁ ଝୁଲି ରହିଚି ଦୀନନାଥ। ଓଃ, କି ବିପଦ! ମା'ଲୋ ପଞ୍ଚୁରାଇ, ରକ୍ଷାକର ଲୋ ମା'!

ଦୀନନାଥର ଏଇ ଡାକ ସହିତ ତାଳ ଦେଇ ଆକାଶରୁ ଖସିପଡୁଚି ବରକୋଳିଆ ଟୋପା। ପବନ ମାଡ଼ରେ ଡିଙ୍ଗି ଅସ୍ଥିର। ଡିଙ୍ଗି ଭିତର ପାଣିରେ ଦୋଳି ଖେଳୁଚି ଡବାଟା। ପରିଶ୍ରମଜନିତ ଫଁ ଫଁ ନିଃଶ୍ୱାସ ଶୁଭୁଚି ବାପାର। ଲୋଲୋ ଜୀବନ ବିକଳରେ ବାଡ଼ ଧରି ଲପଟିରହିଚି। ଗୋଟାପଣେ ଭିଜି ସାରିଚି ବର୍ଷାରେ। ଅନ୍ଧାରରେ କେହି କାହାକୁ ଦେଖିପାରୁ ନ ଥିବା ବେଳେ କେବଳ ମା'ପଞ୍ଚୁରାଇ ଡାକର ଲହରରେ ଜାଣିପାରୁଚି ବାପା ଡିଙ୍ଗିରେ ଅଛି।

ଭୟଙ୍କର ଅଜଗର କଡ଼ ଲେଉଟାଇବା ଭଳି ସମୁଦ୍ର ଭିଡ଼ି ମୋଡ଼ି ହୋଇ ଉଠାଉଚି ଉତ୍ତାଳ ଲହରି। ପାଣି ଦୋଳିରେ ଡିଙ୍ଗି ଉଠୁଚି ପଡୁଚି। ଜୋକ ପରି ଲୋଲୋ ଲପଟି ରହିଚି ଡିଙ୍ଗି ବାଡ଼ରେ। ଅନ୍ୟ କିଛି ଉପାୟ ନ ପାଇ ଦୀନନାଥ ଜାଲର ଆଶା ଛାଡ଼ି ଦେବାକୁ ଭାବୁଚି। କମ୍ପିତ ସ୍ୱରରେ ଲୋଲୋକୁ ଛୁରିଟା ବଢ଼େଇଦେବାକୁ କହୁଛି। ନିଜକୁ ନିଜେ ମଧ୍ୟ ସ୍ୱଗତୋକ୍ତି କରୁଚି– ଜାଲଟା କାଟି ଦବାକୁ ହବ। ଡିଙ୍ଗିଟାକୁ ବଞ୍ଚେଇବାକୁ ହବ, ନାଇଁ ତ ଜୀବନଟା ଚାଲିଯିବ।

ଛୁରିଟା ଖୋଜିଦେବାରେ ଟିକିଏ ବିଳମ୍ବ ହେବାରୁ ଅଶ୍ରାବ୍ୟ ଭାଷାରେ ଗାଳି କଲା ଦୀନନାଥ। ତା' ଉଗ୍ର ମୂର୍ତ୍ତି ଦେଖି ବାଡ଼ାକୁ ଧରିଧରି ମଙ୍ଗ ତଳେ ଥିବା ଛୁରିଟାକୁ ଆଣିଲାବେଳକୁ ପବନ ଝାଙ୍କରେ ଡିଙ୍ଗି ଏକାଥରକେ ଚାରି ପାଞ୍ଚ ଫୁଟ ଉପରକୁ ଉଠି କଚାଡ଼ି ହେଇପଡ଼ିଲା।

କୂଳକୁ ଆସିବାଯାଏ ବିକ୍ଷୁବ୍ଧ ଦରିଆର ଫୁତ୍କାର ସାଙ୍ଗକୁ କେବଳ ଗୋଟିଏ ଲହରା ଡାକ ଅବଶିଷ୍ଟ ହେଇ ରହିଯାଇଚି– ଲୋ–ଲୋ... ଓ... ଓ... ଓ।

କୌଣସି ପ୍ରକାରେ ଡିଙ୍ଗିକି ଧରି କୂଳକୁ ଆସିଯାଇଚି ଦୀନନାଥ। ସାହସ କୁଳଉ ନାହିଁ ଆଉ ସମୁଦ୍ର ଆଡ଼େ ଫେରି ଚାହିଁବାକୁ। ଘୋ–ଘୋ ଗର୍ଜନରେ ବେଳାଭୂମି ପ୍ରକମ୍ପିତ। ପବନ–ବର୍ଷା ମାଡ଼ରେ ଥରିଥରି ଡିଙ୍ଗିକି ବାନ୍ଧି ଘେରିବନ୍ଧ ରାସ୍ତାକୁ ଉଠିଲା ସିଏ। ଗୋଡ଼ ହାତ କାଲୁଆ ମାରିଯାଉଚି। ଡିଙ୍ଗିର ଅବସ୍ଥା କାଲିକି ଥିବ କି ନ ଥିବ। ପୁଅଟା ବଞ୍ଚିଥିବ କି ନାଇଁ ସେକଥା ଭାବୁଭାବୁ, ଠକ୍‌ଠକ୍ ହେଇ ପିଟି ହେଉଥିବା ଦି'ଧାର ଦାନ୍ତସନ୍ଧିରୁ ବାହାରି ଆସୁଚି– 'ମାଲୋ, ତୁ ଭରସା!'

ସକାଳ ନ ହେଉଣୁ ସାରାଟା ବେଳାକୁ ଫୁଲମନିର କାନ୍ଦ ଆଉ ଅସ୍ଥିରପାଦ ଖିନ୍‌ଭିନ୍ କରି ପକାଉଚି। ପଛରେ ମୋଟା କମ୍ବଳ ଘୋଡ଼ି ହେଇ ଦୀନନାଥ କମ୍ପୁଚି ଜ୍ୱରରେ।

ବେଳାର ବାଲିପଠା ଖୁବ୍ ଦୂରଯାଏ ଦିଶୁଚି ନିଶୂନ୍। ଗୋଟେ ଝାଉଁଗଛ ଛିନ୍ନମୂଳ ହେଇ ଓଲଟି ପଡିଚି ଦୂରରେ। ଗତ ରାତିରୁ ଝଡ଼ ପବନରେ କେଉଁଠୁ ଭାସିଆସିଚି। ଫୁଲମନି କିଛି ଗୋଟେ ପାଇବା ଆଶାରେ ଦଉଡ଼ିଗଲା ସେଆଡ଼େ। ସାଙ୍ଗରେ ଦୀନନାଥ। ମଲା ମୁର୍ଦ୍ଦାରଟେ ପରି ଶେତା ଦିଶୁଥିବା ଲୋଲୋ ଏବେ ବି ଜାବୁଡ଼ି ଧରିଛି ଗଛକୁ। ଅଧା ପୋତି ହେଇଚି ବାଲିରେ।

ଫୁଲମନି ହାଉଳି ଖାଇ ପୁଅକୁ କୁଣ୍ଢେଇ ପକେଇ ଉଠେଇ ଆଣିଲା କୋଳକୁ। ଜ୍ୱରରେ ଥରୁଥିବା ଦୀନନାଥ ଅଗତ୍ୟା ନିଜ ଦେହରୁ କମ୍ବଳ କାଢ଼ି ଘୋଡ଼େଇ ପକାଇଲା ପୁଅକୁ ଓ ଏକମୁହାଁ ହେଇ ଘରକୁ ଚାଲିଆସିଲା। ତରତରରେ ଉହ୍ଲେଇରେ ଶୁଖିଲା ଡାଙ୍ଗ ଦି'ଖଣ୍ଡ ଦେଇ ଘସିନିଆଁ ସଜାଡିଲା ଫୁଲମନି। ନିସ୍ତେଜ ଲୋଲୋକୁ ନଖରୁ ଶିଖଯାଏ ସେକି ଚାଲିଥିଲା। ଆଖିରୁ ଝରିପଡୁଚି ଲୁହର ଝରଣା। ହାତ କାଇଁ ଯେ ଲୁହ ପୋଛିବାକୁ। ପୁଅକୁ ସେକୁ ସେକୁ ଭାବୁଚି ସିଏ ଏଇ ଲୋଲୋ ପାଇଁ କେତେ ନିନ୍ଦା, ଅପବାଦ–ସାଇପଡ଼ିଶାଙ୍କଠୁ ସ୍ୱାମୀ ପର୍ଯ୍ୟନ୍ତ। ସମସ୍ତଙ୍କ ମୁହଁରେ ଏଇଟା ବିବିଧ ମାଷ୍ଟରର ଛୁଆ। ଛି ଛି। କେଡେ ନୀଚ, ଏ ଅସଭ୍ୟ ମଣିଷଗୁଡ଼ା। ଆଉ କେହି ଜାଣନ୍ତୁ କି ନ ଜାଣନ୍ତୁ, ସିଏ ନିଜେ ତ ଜାଣିଚି, ତା' ମାତୃତ୍ୱର ପବିତ୍ରତା ସମ୍ପର୍କରେ। ରକ୍ତର ଶୁଦ୍ଧତା ବାବଦରେ। ବିବିଧ କେବେ ବି ସ୍ୱାମୀ ହେଇପାରିବନି, ଏକଥା ସତ। ହେଲେ, ତା' ପରି ଜଣେ ରୂପର ଗୁଣର ପୁରୁଷ କ'ଣ ତା' ସ୍ୱପ୍ନର ମଣିଷ ହେଇପାରିବେନି!

ନିଜ ପାଖରେ ନିଜେ ସ୍ୱୀକାର କରେ ଫୁଲମନି... ହଁ ସେ ବିବିଧକୁ ଭଲପାଏ, ସୁଖ ପାଏ। ତାକୁ ମନେମନେ ଝୁରିହୁଏ, ସପନ ଦେଖେ। ଗାଁ ଦାଣ୍ଡରେ ଚାଲି ଯାଉଥିଲେ ତା' ଛାତିରେ ଅନୁରାଗ ଜନ୍ମେ। ଦିନଟେ ତାକୁ ନ ଦେଖିଲେ ଭଲ ଲାଗେନା। କୌଣସି ନା କୌଣସି ବାହାନରେ ସିଏ ଇସ୍କୁଲ ଆଡ଼େ ବୁଲିଯାଏ, ଖାସ୍ ବିବିଧକୁ ଥରେ ଆଖିରେ ଦେଖିବା ପାଇଁ। ପିଲାଟା ପେଟରେ ରହିବା ଦିନୁ କେତେ ଠାକୁରଙ୍କୁ ସିଏ ମନାସି ନାହିଁ, ନ ହଉ ପଛେ ସ୍ୱାମୀ ରୂପରେ, ଅନ୍ତତଃ ସନ୍ତାନଟିଏ ଏଇ ବିବିଧ ପରି ହେଇ ତା' ପାଖକୁ ଆସୁ।



ଫୁଲମନି ଆଖିରେ ଚମକ୍ ଖେଳିଗଲା। ଧୀରେଧୀରେ ଆଖି ଖୋଲୁଚି ଲୋଲୋ। ପାଖରେ ନୀରବରେ ଠିଆ ହେଇଥିବା ଦୀନନାଥ ମୁହଁକୁ ଚାହିଁ ଲୋଲୋ ଧୀର ନିସ୍ତେଜ ସ୍ୱରରେ କହିଲା–ବାପା, ମୁଁ ପରା ଗୋଖାଛୁଆ।

ଦୀନନାଥ ଭୋ' କରି ରଡ଼ି ଛାଡ଼ି କୁଣ୍ଢେଇ ପକାଇଲା ପୁଅକୁ।

– ବନ୍ଧପଡ଼ା, ମଦନପୁର, କେନ୍ଦ୍ରାପଡ଼ା

କ୍ଷୁଦ୍ରଗଳ୍ପ

# ହସ ବିନା ଖୁସି

**ଚିନ୍ମୟୀ ପଣ୍ଡା**

''ଜେଜେମା' ଏଇ ଯୋଉ ଝୋଟି ତମେ ଦେଲ, ସେଇଟା କ'ଣ ?'' ''ମା'ରେ ଏଇଟା ପଦ୍ମ, ଏଇଟା ହାତୀ ଆଉ ଏ ପାଖରେ ଧାନ। ଦେଖିଲୁ, ଶିଖିଥା। ବଡ଼ ହେଲେ ତୁ ବି ଏମିତି କରିବୁ।''

''ଜେଜେମା' ଏଇଟା କାହିଁକି ଦିଆହୁଏ ?'' ''ଆରେ, ଆଜିପରା ଲକ୍ଷ୍ମୀପୂଜା, ସେଥିପାଇଁ ଦେଖୁନୁ କେତେ କାମ, ତୋ' ମା' କେତେ ରୋଷେଇ କରିଛି। ପିଠା, ଖିରି ଆଉ ମୁଁ ଏଠି ଠାକୁରଙ୍କୁ ସଜାଉଛି। ରହ ରହ ସେଇଟା ଛୁଅନି।''

'ମୁଁ କାହିଁକି ଛୁଇଁବିନି ?'

'ତୁ ପରା ଝିଅଟା। ଝିଅମାନେ ଛୁଅନ୍ତିନି।'

'କିନ୍ତୁ ତମେ ତ ଝିଅ, ମମି ବି ଝିଅ, ଏକା ମୁଁ କାହିଁକି ଛୁଇଁବିନି ?'

'ଓଃ... ଏ ପିଲାଟା କେତେ ପ୍ରଶ୍ନ ପଚାରୁଛି।

... ଆଲୋ ମା' ଆକୁ ତୋ' ପାଖକୁ ଡାକିଲୁ।'

ଖୁସି ବୁଝିଗଲା ତା' ପ୍ରଶ୍ନର ଉତ୍ତର ନାହିଁ।

ତେଣୁ ଜେଜେମା' ମମି ପାଖକୁ ପଠେଇଦେଲେ।

'ମମି, ମୁଁ କାହିଁକି ଛୁଇଁବିନି ଠାକୁରଙ୍କୁ ?

ତୁମେ କୁହ। ଜେଜେମା' ପାଠ ପଢ଼ିନାହାନ୍ତି, ସେଥିପାଇଁ ସେ ଜାଣିନାହାନ୍ତି। ତମେ କୁହ... ତମେ କୁହ...।'

'ଦେଖ୍, ବହୁତ କାମ ଅଛି ମତେ ହଇରାଣ କରନା।'

ଆଉ ପଚାରିଲେ ମମି ବିଗିଡ଼ିବେ ନ ହେଲେ ବାଡ଼େଇବେ। ଏଇ ଦୁଇଟି କାମ ମମିକୁ ବହୁତ ଭଲ ଭାବେ ଆସେ।

ଚୁପ୍ ହୋଇ ଖୁସି ଦାଣ୍ଡ ବାରଣ୍ଡାରେ ବସି ଯିବାଆସିବା ଲୋକ, ବୁଲା କୁକୁର, ଗାଈଙ୍କୁ ଦେଖିବାକୁ ଲାଗିଲା। ଛୋଟଛୋଟ ପତ୍ର, ଗଛଲତା ଏସବୁ ଛିଣ୍ଡାଇ ଆଣିଲା। ସେ ମଧ ଠାକୁର ବସାଇଲା। ଚୁପ୍‌କିନା ଯାଇ ଦେଖିଲା ଜେଜେମା', ମମି କେହି ନାହାନ୍ତି। ସେ ବି ମୁରୁଜ କରିବ ଧୀରେଧୀରେ। ପାଦ ଚିପିଚିପି ଗଲା ମୁରୁଜ ଡବାଟା ଆଣି ଆସ୍ତେଆସ୍ତେ ସୁନ୍ଦର ମୁରୁଜ ପକାଇବା ପାଇଁ ଚେଷ୍ଟା କଲା। ... ଖାଲି ଗୁଡ଼େ କଥା କହୁଛି ଜେଜେମା'ଟା। ଜାଣିନି କିଛି, କହିଲା କ'ଣ ନା ଝିଅଟା। ଆଉ ଦିନେ କହିଥିଲା ତୁ ଗାଧେଇନୁ, ଠାକୁର ଘରେ ପଶିବୁନି। କିନ୍ତୁ ଆଜି ତ ଗାଧେଇଛି। ମମି ସକାଳୁ ଟାଣିଟାଣି ନେଇ ମୁଣ୍ଡରେ ପାଣି ଢାଳି ଗାଧେଇ ଦେଲେ। ବୁଢ଼ୀ ହେଲାଣି ତ ଭୁଲି ଯାଇଥିବ...।

ଦୌଡ଼ିଗଲା ଖୁସି, ମନ ତା'ର ଏକବାର ଚଞ୍ଚଳ ହୋଇଗଲା। ଏଥର ତାକୁ କିଏ ମନା କରିବ ଦେଖିବା। ସେ ଯୋଉ ଟିକିଟିକି ସଜାଇବା ଜିନିଷ, ତା' ମନଟା ସେଠି।

'ଜେ...ଜେ...ମା' ତମେ କ'ଣ ଭୁଲିଗଲ ? ମୁଁ ତ ଆଜି ଗାଧେଇଛି। ଭଲ ଫ୍ରକ୍ ପିନ୍ଧିଛି, ତମେ ଉଠ ମୁଁ ସଜେଇବି।' ଚିଲେଇ ଚିଲେଇ ଏତିକି କହି ପୂଜାଘର ଭିତରକୁ ପଶି ଆସିଲା ଖୁସି।

'ଗଲା ଗଲା, ମତେ ଛୁଇଁଦେଲା ଏଇଟା, ଝିଅଟା କ'ଣ କିଛି ମାନୁଚି। ଆଲୋ ମା' ଟିକିଏ ଝିଅକୁ କହ, ଏଇ ପୁଣି ଗାଧେଇବି ଲୋ ମା'। ଆଜି ବୋଧେ ଚାରିଟା ବାଜିବ। ଆଲୋ ଝିଅକୁ ଟିକେ ସଣ୍ଡଣା ଶିଖେଇବନି। କାହାକୁ କହିବ ? ଯୁଗ ତ ଓଲଟା।

ଖୁସି ଚମକି କି ଦୂରେଇ ଠିଆ ହେଲା। ଆସନ୍ନ ବିପଦକୁ ସେ ମାପି ନେଇଥିଲା। ଚୁପ୍‌କିନା ଗୋଟିଏ କୋଣରେ ଯାଇ ବସିଲା।

...ଆଜି ବୁଢ଼ୀର କ'ଣ ହେଲା ! କେତେ ସୁନ୍ଦର ଗପ କହି ତ ମତେ ଖୋଇ ଦେଇଥିଲା ସକାଳେ। ସବୁ ବୋଧେ ସେଇ ସଣ୍ଡଣାରେ ଅଛି। ମମିକୁ ପଚାରିବି ସେଇଟା କ'ଣ ? ସେଇଟା ଶିଖିଲେ ମତେ ଆଉ କିଏ କିଛି ମନା କରିବେନି।

ଟମ ଟମ ହୋଇ ଖୁସି ବାହାରିଗଲା। ପାଖାପାଖି ଘେରାଏ ବୁଲି ଆସିଲା।

ଆଜି ସମସ୍ତଙ୍କ ଘରେ ପୂଜା। କିଛି ସମୟ ସାଙ୍ଗସାଥୀ ଗହଣରେ ଭୁଲିଗଲା। ଭୋକ ହେଲା, ଘର କଥା ମନେପଡ଼ିଲା। 'ମମି ମତେ ଖାଇବାକୁ ଦିଅ।'

'ରହ, ପୂଜା ସରିନି। ଶୁଣ୍, ତୁ ସେପଟେ ରହ, ନହେଲେ ଜେଜେମା' ରାଗିବେ। ଆଉ ଛୁଇଁବୁନି। ନ ହେଲେ ପୂଜା ପୁଣି ଡେରିହେବ।'

ପେଟରେ ଭୋକ। ମନ ବି ଭଲ ନାହିଁ। ଚୁପ୍ ହୋଇ ଖୁସି ଟିଭି ଲଗେଇଲା। ନା, ଟିଭି ଦେଖିବାକୁ ଇଚ୍ଛା ହେଉନି। ମମି ଆସୁନି, ପାଖରେ ବସିଲେ ମଜା ଲାଗେ ଦେଖିବାକୁ। ଭୋକ ବି ଲାଗୁଛି, ନିଦ ବି।

କାହିଁକି ସେ ଛୁଇଁବାରୁ ଜେଜେମା' ଗାଧେଇଲା ?

ତା' ଠାକୁରଙ୍କ ପାଖରେ ବସିଲା। ପଚାରିଲା, 'ଠାକୁର... ଏ ଠାକୁର... କହୁନ ମୁଁ କ'ଣ କଲି ? ମୁଁ ତ ଏଇଠି ତମକୁ ପୂଜା କରୁଛି, ତମେ ତ ଯାଉନ ଗାଧେଇବାକୁ।'

ପୁଣି ଉଠି ଖୁସିରେ ଦୌଡ଼ିଗଲା। ଘରେ ସଜା ହୋଇଥିବା ଛୋଟଛୋଟ ଖେଳନାଗୁଡ଼ିଏ ନେଇ ଆସି ତା' ଠାକୁରଙ୍କ ପାଖରେ ସଜେଇ ଦେଲା।

... ଦେଖିବା ତାଙ୍କ ଠାକୁର ସୁନ୍ଦର ନା ମୋର। ସ୍କୁଲ ବ୍ୟାଗ୍‌ରୁ ବାହାର କଲା କଲର ପେପର ଆଉ କଇଁଚି। ତା' ଇଚ୍ଛା ଅନୁସାରେ ପେପର କାଟି ସଜେଇଲା। ସେ ଦେଖିଛି ସ୍କୁଲ୍‌ରେ ମିସ୍ ଗଣେଶ ପୂଜାରେ ଯେମିତି କରିଥିଲେ ସେମିତି ସଜେଇ ଚାଲିଲା। 'ମମି, ଆସ ଦେଖିବ ମୋ' ଠାକୁର କେତେ ସୁନ୍ଦର ! ତମ ଠାକୁରଙ୍କଠୁଁ ବି ସୁନ୍ଦର।'

ଖୁସି ଦୌଡ଼ିଗଲା ରୋଷେଇ ଘରୁ ମମିଙ୍କୁ ଟାଣିଟାଣି ଆଣିବ ଆଉ ସେ ଖୁସି ହେଇ ତାକୁ ଗେଲ କରିବେ।

ସେ ଜାଣିଛି, ମମି ଯେତେବେଳେ ଖୁସି ଥାଆନ୍ତି ତାକୁ ବହୁତ ଗେଲ କରନ୍ତି। ତା' ମୁଣ୍ଡ ଆଉଁଶି ଦିଅନ୍ତି। ଯୋଉଦିନ କ୍ଲାସ୍‌ରେ ଫାଷ୍ଟ ହୋଇଥିଲା ମମି ତାକୁ ବହୁତ ଗେଲ କରିଥିଲେ। ମିସ୍ ମଧ ତାକୁ ବହୁତ ଗେଲ କରିଥିଲେ। ମିସ୍ ବି ଝିଅ, ମମି ବି ଝିଅ, ତେଣୁ ତାଙ୍କୁ ଭଲରେ ଗେଲ କରି ଆସେ। ବୁଢ଼ୀ କହିଲା କ'ଣ ନା, ତୁ ଝିଅଟା। କିଛି ଜାଣିନୁ।

'ଖୁସି!' ମମିଙ୍କ ଚିତ୍କାର ଓ ପିଠିରେ ବାଜିଥିବା ଚାପୁଡ଼ାରେ ଖୁସି ପ୍ରକୃତିସ୍ଥ ହେଲା। 'ପୁଣି ମତେ ଆସି ଛୁଇଁଦେଲୁ। ଆଜି କ'ଣ ପୂଜା କରେଇ ଦେବୁନି ?'

ମମି ଆହୁରି କ'ଣ କହି ଚାଲିଥିଲା, କିନ୍ତୁ କାନ୍ଦିକାନ୍ଦି ଖୁସି ଟିଭି ପାଖକୁ ଆସି ଦୁଃଖରେ ଶୋଇ ପଡ଼ିଲା।

ଭୋକ, ଗାଳି ଓ ମାଡ଼ରେ ନିଦ ହୋଇଗଲା। କେତେବେଳ ହେଲାଣି କେଜାଣି, ବାପା ଆସି ଗେଲେଇ ଡାକୁଛନ୍ତି, ''ମା' ଖୁସି, ଉଠିଲୁ ଖାଇବୁ।''

ଲୁହ ଲାଳ ସବୁ ଗଡ଼ି ମୁହଁଟା ଅସନା ହେଇଯାଇଛି। ବାପା କାଖେଇ ନେଇ ଧୋଇଦେଲେ। ଧୀରେଧୀରେ ନିଦ ଭାଙ୍ଗିଲା ଓ ସବୁ ମନେପଡ଼ିଲା। ବାପାଙ୍କୁ ପାଖରେ ପାଇ ଖୁବ୍ ଭଲ ଲାଗିଲା। କହିଲା, ''ବାପା, ମୁଁ ତ ତମକୁ ଛୁଇଁନି, ତମେ ମତେ ଛୁଇଁଲ ?''

''କ'ଣ କହୁଛୁରେ ମା' ?''

''ତମେ ଜାଣିନ, ଆଜି ମୁଁ ଜେମା'କୁ ଛୁଇଁଲି, ସେ ଗାଧେଇଲା। ପୁଣି ମମିକୁ ଛୁଇଁଲି, ସେ ବି ଗାଧେଇଲା, ଆଉ ମତେ ବାଡ଼େଇଲା...।''

''ଆଚ୍ଛା ହଉ, ସେ କଥା ବୁଝିବା, ତୁ ଆସିଲୁ ଏବେ ଖାଇବୁ।''

ମମି ଡାକିଲେ। ଏବେ ବାପାଙ୍କୁ ଦେଖି କେତେ ଗେଲେଇକି କହୁଛି। ଏତେ ଜୋରରେ ବାଡ଼ଇଲା ଯେ ଏବେଯାଏଁ କାଟୁଛି।

'ମୁଁ ଖାଇବିନି।' ଜୋର୍‌ରେ କହିଲା ଖୁସି।

''ଆ' ମୋ' ସାଥିରେ ଆ'।'' ବାପା କହିଲେ, ''ଠାକରଙ୍କୁ ମୁଣ୍ଡିଆ ମାରିବା। ଆଜି ମାର୍ଗଶିର ମାସ ଗୁରୁବାର ପୂଜା।''

''ହଁ, ମୁଁ ଜାଣିଛି, ଆଜି ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ପୂଜା କରାହେଲା।'' ଖୁସି କହିଲା। ବାପା ପାଖରେ କାଖ ହେଇ ଠାକୁର ଘରକୁ ଗଲା। ଏବେ କେହି ତାକୁ ପାଟି କରିବେନି। ...କେତେ ସୁନ୍ଦର ଭାବେ ଠାକୁରଙ୍କୁ ସଜେଇ ଦିଆହୋଇଛି। କେତେ କ'ଣ ପିଠାପଣା, ଭାତଡାଲି, ତରକାରି... ବାବାରେ... କେତେ ଜିନିଷ ଆଜି ମମି କରିଛି। ସେଥିପାଇଁ ବୋଧେ ବିରକ୍ତ ହୋଇ ମତେ ବାଡ଼େଇ ଦେଲା। ମମିଟା ଭଲ ରୋଷେଇ କରେ। ମୁଁ ବି ଯଦି ଟିକଏ ସଜେଇ ଦିଅନ୍ତି, କିଛି ନ ହେଲେ ଏଇ ଯେଉଁ ଗେଣ୍ଡୁ ଫୁଲକୁ ରଖାଯାଇଛି, ସେତିକି ତ କରିପାରିଥାଆନ୍ତି ନା ?

''ମା'ମୁଣ୍ଡିଆ ମାରେ।'' ବାପାଙ୍କ କଥାରେ ତୁ କିନି ମୁଣ୍ଡଟା ବୋଡ଼େଇ ଦେଲା ଖୁସି।

''ବାପା, ତମେ ଖାଇ ସାରିଲଣି ?''

''ନା'ରେ ମା' ତୁ ଖାଇନୁ ଆଉ ମୁଁ ଖାଇଦେବି।''

''ଚାଲ ଠାକୁରଙ୍କ ପାଖରେ ଯୋଉ ସୁନ୍ଦରକିନି ମମି ବାଢ଼ି ଦେଇନି, ସେଥିରୁ ଗୋଟିଏ ପତ୍ର ଆଣି ତମେ ଆଉ ମୁଁ ମିଶିକି ଖାଇବା।''

ଖୁସି ବର୍ତ୍ତମାନ ନିର୍ଭୟରେ ଚାଲିଲା। ଏବେ ବାପା ଅଛନ୍ତି। କେହି କିଛି କହି ପାରିବେନି। ଠାକୁରଙ୍କ ପାଖରୁ ଖାଇବା ଜିନିଷଟା ଆଣିବାକୁ ହାତ ବଢ଼େଇଛି କି ନାହିଁ, ଜେଜେମା' ପାଟି କଲେ, ''ତୋ' ପାଇଁ ଏଇଠି ବଢ଼ା ହେଇଛି। ସେଇଟା ବାପା ଖାଇବ। ଆ' ଏଠିକି।''

''କାହିଁକି, ମୁଁ ଏଇଟାକୁ ଖାଇବି।''

''ତୁ ସେଇଟା ଖାଇବୁନି।''

''ମୁଁ ସେଇଟା ଖାଇବି, ନ ହେଲେ ଖାଇବିନି।''

ମମି ରାଗିଲା, ''ଖୁସି ଜଲ୍‌ଦି ଆ' ଏଠିକି।''

... ଆଜି ଦିନସାରା ମମିଟା ବ୍ୟାଡ୍ ଗାର୍ଲ ହେଇଛି। ମୁଁ ତ ଗୁଡ୍‌ଗାର୍ଲ କାହିଁକି ତା' କଥା ଶୁଣିବି ?

...ମୁଁ ଯି...ବି...ନି।

ବାପା ବ୍ୟସ୍ତ ହୋଇ କହିଲେ, ''କାହିଁକି ପିଲାଟାକୁ ହଇରାଣ କରୁଛ। ଖାଇଲେ କ'ଣ ହେଲା ?''

ବାପା ହିଁ ଭଲ, ଏ ଦି'ଜଣ ଖରାପ, ବହୁତ ଖରାପ... କଟି... କଟି... କଟି।

ଜେଜେମା' କହିଲେ, ''ଆରେ ଝିଅଟା ପରଗୋତ୍ରରେ ଯିବ, କହିଲା କ'ଣ ନା ଗୁରୁବାର ଭୋଗ ପତ୍ରରୁ ଖାଇବ। ତୋ'ର ମୁଣ୍ଡ କାମ କରୁନି ନା କ'ଣ ?''

...ଆଜି ସକାଳୁ ବୁଢ଼ୀଟା ଗୋଟେ କଥା କହି ଚାଲିଛି... ଝିଅ...ଝିଅ...ଝିଅ...। କ'ଣ ଆଗରୁ ସେ ଝିଅ ନ ଥିଲା ? ଗୁରୁବାର ପୂଜା ଯାହା ପାଇଁ



ହେଉଛି ସେ ମା' ଲକ୍ଷ୍ମୀ ବି ତ ଝିଅ। ଖୁବ୍ ରାଗିଗଲା ଖୁସି। ପାଖରେ ଯାହା ପାଇଲା ଫିଙ୍ଗାଫୋପଡ଼ା କଲା। ଦୌଡ଼ିଗଲା ନିଜେ ସଜେଇଥିବା ଠାକୁରଙ୍କ ପାଖରୁ ସବୁ ଛିଣ୍ଡେଇ ଫୋପାଡ଼ି ଦେଲା। ତା' ଭିତରେ ଯେମିତି ନିଆଁ ଲାଗିଛି ଆଜି ନଷ୍ଟ କରିଦେବ ସବୁ କିଛି।

ନିଜକୁ ସମ୍ଭାଳି ପାରୁନି ଖୁସି, ସମ୍ଭାଳିବାକୁ ଚାହୁଁନି ମଧ। ଆଉ କିଛି କରିବା ପାଇଁ ଦୌଡ଼ିକି ଯିବାବେଳେ ଝୁଣ୍ଟିକି ପଡ଼ିଗଲା। ବାପା ଦୌଡ଼ି ଆସି ଉଠେଇ ଦେଲେ। ତା'ପରେ ସେ କିଛି ଜାଣିନି।

କିଛି ସମୟ ପରେ ସେ ଦେଖିଲା, କୋଉଠିକି ସେ ଆସିଛି ଜାଣିନି। ବାପା, ମମି, ଜେଜେମା' ସମସ୍ତେ କାନ୍ଦୁଛନ୍ତି।

''ବାପା କ'ଣ ହେଲା ?''

''କିଛି ନାହିଁ ମା', ତୁ ପଡ଼ିଗଲୁ ନା ମୁଣ୍ଡ ଫାଟିଗଲା।''

''ବାପା, ମୁଁ ସେ ଠାକୁରଙ୍କ ପତ୍ରରୁ ଖାଇବି।'' ଅତି କ୍ଷୀଣ ସ୍ୱରରେ କହିଲା ଖୁସି।

''ହଁ ମା' ତୁ ହିଁ ଖାଇବୁ। ଆଜିଠୁଁ କେହି କହିବେନି ତୁ ଝିଅଟା ଆଉ ଖାଇବୁନି ଭୋଗ...। ଏଇକଥା ତତେ କେହି କହିବେନି ମା'। ପୂଜାର ଠିକ୍ ଅର୍ଥ ନ ବୁଝି ଆଜି ତତେ କେତେ କଷ୍ଟ ଦିଆ ନଗଲା...।''

''ବାପା, ଝିଅମାନଙ୍କୁ ଭଗବାନ୍ କ'ଣ ଭଲ ପାଆନ୍ତିନି ? ମତେ କ'ଣ ଭଲପାଆନ୍ତିନି ? ମୁଁ କ'ଣ ଭଗବାନ୍‌ଙ୍କ ପାଖରୁ ଆସିନି ?''

ବାପା, ମମି ଜେଜେମା' ସମସ୍ତେ କାନ୍ଦୁଥିଲେ। କାହା ପାଖେ ଉତ୍ତର ନ ଥିଲା। ଏକ ନିବିଡ଼ ନୀରବତା ସମସ୍ତଙ୍କୁ ଘେରି ରହିଥିଲା।

ଖୁସି ହସ୍ପିଟାଲ୍‌ରୁ ଫେରିଲା। କିନ୍ତୁ ତା'ର ମନଖୋଲା ହସ ଆଉ କେହି ଦେଖିପାରିଲେନି। କେବଳ ନାଁଟି ତା'ର ଖୁସି ହୋଇ ରହିଗଲା।

**– ଅଙ୍କୁର ପବ୍ଲିକ ସ୍କୁଲ୍, ଭୁବନେଶ୍ୱର**




# ବର୍ଷା ଓ ବର୍ଷା

**ସିତାଂଶୁ ଲେଂକା**

ଏଇ କିଛିଦିନ ହେବ
ବର୍ଷା ନାହିଁ
କୁଆଡ଼େ ନା କୁଆଡ଼େ
ଢୋ' ଢୋ'
ହେଉଥିବ ବର୍ଷା...

ସେ ଏଇଠି ଅଛି ଏଇଠି ନାହିଁ
ଏଇ କିଛିଦିନ ହେବ
ହଜିଯାଇଛି ଗୋଟେ ଝିଅ
ତା' ନାଁ ବର୍ଷା ।

ରଙ୍ଗ ସାବନା
ଇନ୍ଦ୍ରଧନୁ ରଙ୍ଗର ଭେନିଟି
ନୀଳ ରଙ୍ଗର ଶାଢ଼ି
ସବୁଜ ରଙ୍ଗର ବ୍ଲାଉଜ୍
ମେଘ ରଙ୍ଗର କେଶ ଝୁଣ୍ଟୁଝୁଣ୍ଟୁ କରି
ଯାଇଚି ଯେ ଯାଇଚି...

କେଉଁଠି ନା କେଉଁଠି
ଓହ୍ଲେଇ ଥିବ ସେ
ବସ୍‌ରୁ କି ଟ୍ରେନ୍‌ରୁ
ଆମେ ଚାହୁଁଥିବା ଆକାଶକୁ
କୁଆଡ଼େ ଗଲା ବର୍ଷା !

ଯେଉଁଠି ଯେଉଁଠି ପହଞ୍ଚି ଯାଉଥିବ
ସେ ଝିଅ, ସେଇଠି ସେଇଠି
ବର୍ଷୁଥିବ ବର୍ଷା ।

– ମେଘଡମ୍ବରୁ, କୁରୁଡ଼ା, ବାଲେଶ୍ୱର

# ମୁକ୍ତି

**ମୟୂରୀ ଦାଶ**

ଜଣା ନାହିଁ କେତେ ଯୁଗ ଯେ
ବିତିଛି ତୁମ ଅପେକ୍ଷାରେ !
ମୋ' ଗୋଡ଼ ଜଞ୍ଜିରର ଛନ୍‌ଛନ୍‌ରେ
ଅବା ସୁନେଲି କିରଣମଖା
ଝର୍କା ଆଢୁଆଳରେ...

ମୋ' ଅବଶ ହେଇଯାଇଥିବା ଡେଣାରେ
ଜୀବନ ଦେଲ କି ତମେ ?
ଖୋଲି ଦେଲ କି ତମେ
ପଞ୍ଜୁରିର ଦ୍ୱାର ?

ଝାଡ଼ିଲି ମୋ' ଡେଣା
ମୁଁ ନିଜେ, ଖୋଲିଦେଲି ଦ୍ୱାର,
ଗଗନଚୁମ୍ବୀ ହେଲି...
ତମେ ନୁହଁ, ମୁଁ ହିଁ
ଉଡ଼ାଣ, ମୋ' ମୁକ୍ତିର ।

– ହିଲ୍‌ଟାଉନ୍, ଲେନ୍ ନଂ.–୬ (ପଶ୍ଚିମ)
ଭବାନୀପାଟଣା, କଳାହାଣ୍ଡି

# ବର୍ଷାରେ ତୁମେ

**ନମିତା ନାୟକ**

କଦମ୍ବ ଫୁଲର
ବର୍ଷାଭିଜା ବାସ୍ନା ପରି
ତୁମ ପ୍ରେମରେ ମୁଁ ଭିଜାଭିଜା ।
ସୁନାବେଢ଼ାର ସୁନାପୁଅ ତୁମେ
ମୋ' ହୃଦୟ ଗୀଟାରର
ସୁନା ତାର ।

ସ୍ୱାତୀ ନକ୍ଷତ୍ରରେ ବର୍ଷା
ତୁମେ ମୋ' ପାଇଁ ଆଉ
ଫୁଲେଇ କେତକୀର ରଙ୍ଗ ବି ।
ମୋ' କବିତାର ନାୟକ ତୁମେ,
ସଙ୍ଗୀତର ଗଜଲ, ନୃତ୍ୟର ତାଳ
ବି ତୁମେ । କୁହ କେମିତି
ପାସୋରି ପାରିବି... ?

ଯିଏ ହୃଦୟରେ ପ୍ରାଣ ମୋର
ଭଲପାଏ ତୁମ ଆଖିର
ଗଭୀରତାରେ ବୁଡ଼ିବା ପାଇଁ,
ଭଲପାଏ ତୁମ ଚପଳାମି
ଓଠର ଏଣୁତେଣୁ ଗପ,
ଭଲପାଏ ତୁମ ଦୁଷ୍ଟ କଳା ମଚମଚ
ମସୃଣ କେଶ, ଯାହା ବାରମ୍ବାର
ଉଡ଼ି ତୁମ ମୁହଁ ଲୁଚେଇଦିଏ ।

ଭାରି ଭଲ ଲାଗେ ତୁମ
ନଖରା ଭରା ବ୍ୟବହାର
ଭଲ ଲାଗେ ପିଲାଳିଆମି
ଆଉ ଅଭିମାନରେ
ମୁହଁଫୁଲା ବି ।
ନା କେବଳ ତୁମେ ନା
ତୁମର ଗୁଣ ଆଉ ସୌନ୍ଦର୍ଯ୍ୟ
ମୁଁ ତ ତୁମ ସହରକୁ
ବି ମନଦେଇ ବସିଛି ।

ଏମିତି କୌଣସି ଜିନିଷ
ନାହିଁ ତୁମର, ଯାହା ମୋତେ
କେବେ ଅଭିଭୂତ କରିନି ।
ତୁମେ ରତ୍ନରେ ଭରା ଗୋଟେ
ସିନ୍ଦୁକ । କିଛି ଲୋଡ଼ା
ନାହିଁ ମୋତେ କେବଳ
ତୁମ ଛଡ଼ା ।

– ପି.ଜି. ଡିପାର୍ଟମେଣ୍ଟ ଅଫ୍ ଲ',
ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର, ଭୁବନେଶ୍ୱର

# ଦୁଇଟି କବିତା

ମୂଳ ତେଲୁଗୁ: **ୟେଲାପ୍ପୁ ମୁକୁନ୍ଦରାମାରାଓ**
ଓଡ଼ିଆ ଅନୁବାଦ: **ପ୍ରତିଭା ଶତପଥୀ**

## ୧ ।। ବାପା

ଅଗଣାରେ
ଆରାମ ଚୌକି ପଡ଼ିଛି
ମୋ' ବାପା, ସବୁ କିଛି ନିଜ ପାଇଁ ହିଁ
ଘଟି ଯାଉଛି ବୋଲି କହନ୍ତି...
ସବୁ କଥା ବୁଝାଇବା ଲୋକ ସେ
ସକଳ ଇନ୍ଦ୍ରିୟଙ୍କୁ ସମ୍ମାନ ଦେଇଥିବା ଲୋକ ସେ,
ସେ ଏକ ଜୀବନ୍ତ ପ୍ରତିମା
ଦେଶଠାରୁ ଦେହଯାଏ ସକଳଠିଁ
ତାଙ୍କର ନିଘା,
ଏବେ ଏ ବାର୍ଦ୍ଧକ୍ୟରେ ନିରୁପାୟ
ମୃତ୍ୟୁକୁ ବାରମ୍ବାର ଡାକନ୍ତି ।।

## ୨ ।। ଅଙ୍କାବଙ୍କା ରେଖାରେ

ଅଙ୍କାବଙ୍କା ରେଖାରେ
ମୋ' ଚିତ୍ର ମୁଁ ନିଜେ ଆଙ୍କୁଚି–
ଯା' ଭିତରେ ମୋ' ପୂର୍ବ ପୁରୁଷଙ୍କ
ଛାଞ୍ଚ ବି ରହିଚି ।

ଜଞ୍ଜାଳ ଓ ଚିନ୍ତା
ରାଗ ଓ ଚଟ୍‌କିନା ତାତି ଉଠିବା,
ସ୍ୱପ୍ନର ଖିଅ ବି ଅଛି,
ଅଶେଷ ଅପଦସ୍ଥ ଭାବ
ପ୍ରତି ସ୍ତରରେ ଦିଶି ଯାଉଚି,
ଚିତ୍ରର ରେଖା ଓ ରଂଗ ବଦଳି ଯାଉଚି
ମୋ' ଅଜାଣତରେ ହିଁ ।

ଚିତ୍ର ଭିତରେ ମୁଁ ଭିନେ ଦିଶୁଚି,
ମୋ'ଠାରୁ ଅଲଗା ଲାଗୁଚି –
ସମୁଦ୍ରକୁ ବଶମ୍ବଦ କରି
ଜୁଆରରେ ପାଦ ଦେଉଁଦେଉଁ
ପାଦ ଘଷି ହେଇ ଲହରି ଭିତରକୁ ଟାଣି ନେଉଚି ।

ମୁଁ ଅନାଗତ କଥା କହୁଚି
ରାସ୍ତା କେମିତି ଯିବା ଉଚିତ
ଗଛମାନଙ୍କ ଭିତରେ ବାଟ ଭାଙ୍ଗି
ଧକ୍କା ଖାଇ, ଭାଙ୍ଗିଭାଙ୍ଗି ଯାଉଚି ।
ଚିତ୍ରଟି ଜୀବନ ପରି,
ଯେତେ ବିରାଟ ହେଲେ ବି
ଅଙ୍କାବଙ୍କା ଗାରରେ ମୁଁ ଦେଖୁଚି
ଚିତ୍ର ପ୍ରାୟ ସରି ଆସିଲାଣି
ଅଥଚ, କେମିତି ଅସଂପୂର୍ଣ୍ଣ ମନେ ହେଉଚି ।

(ମୁକୁନ୍ଦରାମାରାଓ ତେଲୁଗୁ ଭାଷାର
ସୁପରିଚିତ କବି ଓ ଲେଖକ)

# ବହୁରୂପୀ

**ଉତ୍ପଳ ମହାନ୍ତି**

ମନୁ ରାଠୀ
ହାତସୁଧ କାରବାରୀ,
ଦୟାହୀନ...

ମନୁ ରାଠୀ
ବଡ଼ ବ୍ୟବସାୟୀ
ଖାଦ୍ୟ ଭେଜାଲକାରୀ
କୋଟିପତି ।

ସବୁଦିନ
ଆସେ ବହୁରୂପୀ
ମନୁ ରାଠୀର
ଦୋକାନ ଆଗକୁ
ନାନା ବେଶ...
ଶିବଙ୍କର ଅଭିଶାପ
ଶାହାଜାହାନ୍‌ଙ୍କ ପ୍ରେମକଥା
କୃଷ୍ଣଙ୍କର ସ୍ମିତହାସ୍ୟ
ତ, ବୁଦ୍ଧଙ୍କର ନିର୍ବାଣ କଥା ।

ସବୁଥିରେ ଅଲଗା ଅଲଗା ଶବ୍ଦ
ଦଶ ଟଙ୍କିଆଟେ ଦିଏ
ମନୁ ରାଠୀ ।

'ଦାତାଙ୍କର ଜୟ ହେଉ' କହି
ଚାଲିଯାଏ ବହୁରୂପୀ ।।

– ସଂକେତ, ବିବେକାନନ୍ଦ ମାର୍ଗ, ବାଲେଶ୍ୱର

## ଗୀତି–କବିତା:

# ବରଷି ବରଷି ଯାଆ ଆଷାଢ଼

**ଚିରଶ୍ରୀ ଇନ୍ଦ୍ରସିଂ**

ବରଷି ବରଷି ଯାଆ ଆଷାଢ଼
ଛୁଇଁ ଛୁଇଁ ଦୂର ବନ ମହୁଢ଼
ଖେଳିବ ମାଟିରେ ଢେଉ
ଶୁଭିବ ନଈର ଉହୁ
ଖୋଲିଯିବ ସୁନା ଖରା ଉହାଡ଼
ବରଷି ବରଷି ଯାଆ ଆଷାଢ଼ ।।

ନିଧଡ଼କ ଦୂବଘାସ ନିଦରେ ଯାଇଛି ହଜି
ଶାଗୁଆ ସମୟ ତା'ର ତମେ ଆଣିଦିଅ ଖୋଜି
ପବନର ଝୁଲଣାରେ ଝୁଲାଅ ବାଇଆ ବସା
ଝୁଲୁ ମେଘ ସରସର ପାହାଡ଼ ।।

ମିଥୁନର ଲଗନରେ ଚଞ୍ଚଳ ନିଧୁବନ
ପ୍ରୀତିର ପାଳନା କରୁ ପାଣିର ଏ ପାରବଣ
ଫୁଟୁ ଫୁଲ ମଶାଣିରେ ଫୁଟୁ ଫୁଲ କାହାଣୀରେ
ଲିଭିଯାଉ ଗ୍ରୀଷମର ଦହଡ଼
ବରଷି ବରଷି ଯାଆ ଆଷାଢ଼ ।।

– ଅଡ଼ଶପୁର, କଟକ






# ପୁରସ୍କାରକୁ ନ ଅନେଇ କଲମ ଧରିଛି ଓ ଧରିଥିବି ମରିବାଯାଏ...



**ପାର୍ବତୀ ନାୟକ**

ପିଲାଦିନରୁ ବାପାଙ୍କ ଦ୍ୱାରା ପ୍ରଭାବିତ ହୋଇ ଲେଖାଲେଖି ଆରମ୍ଭ। କେଉଁଠୁ, କେମିତି, କେବେ ତା' ପଛରେ ରହିଛି ଏକ ଲମ୍ବା ଇତିହାସ। ଆମର ଯୌଥ ପରିବାର ଥିଲା। ସମସ୍ତେ ଏକ ମନ, ଏକ ନିଷ୍ପତ୍ତି, ଏକ ବିଚାରଧାରା ଉପରେ ପରିଚାଳିତ ହେଉଥିଲେ। କାହାର କାହା ପ୍ରତି ବିଶ୍ୱାସ ଅବିଶ୍ୱାସର ପ୍ରଶ୍ନ ହିଁ ନ ଥିଲା। ଘର ତ ଘର ନ ଥିଲା, ଥିଲା ମନ୍ଦିରଟିଏ।

କଳାକାର ପରିବାର। ଲେଖକ, ନାଟ୍ୟକାର, ସଂଗୀତକାରଙ୍କ ଭିଡ଼ ଲାଗିଥାଏ, ଯାହା ପିଲାବେଳୁ ଅତି ନିକଟରୁ ମୁଁ ଦେଖିଛି। ନିଜେ ନିଜେ ଲେଖେ, ତାକୁ ପଢ଼େ, ସୁର ଦେଇ ବୋଲେ। ଯାହା ଲେଖେ, ତାକୁ ବାକ୍ସରେ ସାଇତି ରଖେ। କେଉଁ ଏକ ଅଦୃଶ୍ୟ ଇଙ୍ଗିତରେ ଏସବୁ ହୁଏ– ତାହା ବୁଝିବା ମୋ' ଚେତନାର ବାହାରେ ଥିଲା। ସମସ୍ତେ ଯାହା କଥାରେ କହିଥାନ୍ତି ମୁଁ ତାକୁ ସଜେଇ, ଲଗେଇ, ରଙ୍ଗେଇ ଗୀତ ମାଧ୍ୟମରେ ପ୍ରକାଶ କରେ। ସେଥିପାଇଁ ଅନେକ ସମୟରେ ସାଙ୍ଗସାଥୀ ଥଟ୍ଟା କରି କହନ୍ତି, ଏ ଗୋଟିଏ କବି ହେବ!

ଏହାଥିଲା ମାଟ୍ରିକ୍ ପାଠପଢ଼ା ବେଳର କଥା। ଡ୍ରାମା, ନାଚ, ଗୀତ ଯେଉଁଠି ହୁଏ, ମୋ' ସାଙ୍ଗକୁ ଧରି ଲୁଚି ସେଠାକୁ ପଳାଏ। ସ୍କୁଲରେ, କ୍ଲବ୍‌ରେ, ବାର୍ଷିକ ଉତ୍ସବରେ ସ୍ୱାଗତ ସଂଗୀତ, ଭଜନ ଗାଇ ମୁଁ ସମ୍ବର୍ଦ୍ଧିତ ହୋଇଛି। ମୋର ଗୀତ ଗାଇବା, ନାଚିବା ଓ ଅଭିନୟ ପ୍ରତି ବହୁତ ଆଗ୍ରହ ଥିଲା। ନାଚ ଗୀତ କିଛି ଦିନ ଶିଖିଲି। ନବମ ଶ୍ରେଣୀରେ 'କବିତା ଗୁଚ୍ଛ' ନାମରେ ଏକ ଛୋଟ କବିତା ସଂକଳନ ପ୍ରକାଶିତ ହେଲା, ଯାହା ମୋ ଶ୍ରେଣୀ ଶିକ୍ଷକଙ୍କ ନଜରରେ ପଡ଼ିଥିଲା। ପ୍ରଥମ କବିତା ସ୍କୁଲ୍ ମାଗାଜିନ୍‌ରେ ପ୍ରଧାନଶିକ୍ଷକଙ୍କ ଅନୁମୋଦନରେ ବାହାରିଲା। ସେଇଦିନଠୁଁ ଆଉ ପଛକୁ ଫେରିନି। ସାହସ ବଢ଼ିଲା, ଆଗ୍ରହ ବଢ଼ିଲା। ଲେଖାଲେଖି କରିବା ପାଇଁ ଯେମିତି ମୋତେ କିଏ ବାଧ୍ୟ କଲା।

ବିଭିନ୍ନ ପତ୍ରପତ୍ରିକା, ମାଗାଜିନ୍, ଦୈନିକ ଖବରକାଗଜକୁ ଲେଖା ପଠେଇଲି। କେଉଁଠି ବାହାରିଲା ତ କେଉଁଠି ବାହାରିଲା ନାହିଁ। ସେଥିପାଇଁ ଦୁଃଖ କରିନି କି ଭାଙ୍ଗିପଡ଼ିନି। ଚାଲିଛି, ଚାଲିଥିବି ପଢ଼ିନି ମୁଁ ଥକି। ଯେଉଁଦିନ ଡାକରେ ଲେଖା ପ୍ରକାଶିତ ପତ୍ରିକାଟିଏ ଡାକବାଲା ଦେଇଗଲା ବାପାଙ୍କ ଠିକଣାରେ, ବାପା ପଢ଼ି କହିଲେ ତୁ ଲେଖିଥିଲୁ ନା ଆଉ କାହାର ସେ ଲେଖା। ଖୁସିରେ ଆତ୍ମହରା ହୋଇଗଲି। ସେଦିନର ଆନନ୍ଦ ଅନୁଭବ, ପୁଲକ ଆଜି ବି ମନେପଡ଼ିଗଲେ ମନରେ ଶିହରଣ ଖେଳିଯାଏ। ଏଯାବତ୍ ମୋର ୫ଖଣ୍ଡ କବିତା ସଂକଳନ, ୨ଖଣ୍ଡ ଗଳ୍ପ ସଂକଳନ ପ୍ରକାଶିତ ହୋଇସାରିଛି। ପୁରସ୍କାର ଓ ସମ୍ମାନକୁ ନ ଅନେଇ କଲମ ଧରିଛି ଓ ଧରିଥିବି ମରିବାଯାଏ।

# ପୁସ୍ତକ ପରିଚୟ

## A Brief History of Silence

**କବି: ମନୁ ଦାଶ**
**ପ୍ରକାଶକ: ଧଉଳି ବୁକ୍ସ, ଭୁବନେଶ୍ୱର–୨**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୨୯୫/–**




ଆଲୋଚ୍ୟ କବିତାଗ୍ରନ୍ଥରେ ମୋଟ ୫୯ଟି କବିତା ସ୍ଥାନିତ। ମନୁ ଦାଶ ଓଡ଼ିଆରେ ଚମକପ୍ରଦ କବିତା ଲେଖୁଥିବା ଓଡ଼ିଆ ପାଠିକାପାଠକମାନେ ଜାଣନ୍ତି। କିନ୍ତୁ ଇଂଲିଶ୍‌ରେ ବି ସେ ସମଭାବେ ନିପୁଣ ଜଣେ କବିତାର କାରିଗର, ଏ କଥା ଏହି ବହିଟି ପଢ଼ିବା ପରେ ଜାଣିବେ। 'Rain' ଶୀର୍ଷକ କବିତାରୁ କେଇଧାଡ଼ି ଏଠି ଉଦ୍ଧାର କରାଯାଉଛି ମନୁଙ୍କ ସ୍ୱଳ୍ପଭାଷୀ, ସଲ୍ଲଜ କବିତ୍ୱର ଝଲକଟିଏ ଦେବାକୁ– "Crows in a distant corner were busy / Performing their morning ragg, / loose electric wires in the lane / duetted with the breeze." ବହିଟିର କବିତାକୁ ଭାରତବର୍ଷର ବହୁ ପ୍ରସିଦ୍ଧ କବି ଯଥା କେ. ସଚ୍ଚିଦାନନ୍ଦନ, ଅରୁନ୍ଧତୀ ସୁବ୍ରମଣ୍ୟମ୍ ଓ ମନୋହର ସେଟ୍ଟୀ ପ୍ରମୁଖ ଶ୍ରଦ୍ଧାର ସହ ପାଠକରି ଅନ୍ତର ଖୋଲା ମନ୍ତବ୍ୟ ଦେଇଛନ୍ତି, ଯାହା ତୁଚ୍ଛା ପ୍ରଶସ୍ତି ନୁହେଁ, କବିଙ୍କର ପ୍ରାପ୍ୟ। ମନୋହର ସେଟ୍ଟୀ ଲେଖିଛନ୍ତି: "In a language uniquely his own, Dash's new collection of poetry will accentuate the growing range of fresh voices emerging from the sub continent." ବିଷୟବସ୍ତୁ ଓ ଭାଷାରେ ଅନନ୍ୟତା ଯୋଗୁଁ ବହିଟି ଭାରତୀୟ ଇଂଲିଶ୍ କବିତାରେ ନିଜର ଆସନ ଦୃଢ଼ୀଭୂତ କରିବ ବୋଲି ଆଶା।

## ଅନୁଚିନ୍ତା

**ଲେଖକ: ଡ. ଶାନ୍ତନୁ କୁମାର ରଥ**
**ପ୍ରକାଶକ: ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବ୍ରହ୍ମପୁର–୧**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ. ୨୫୦/–**




'ଅନୁଚିନ୍ତା' ଶୀର୍ଷକରେ ଆକାଶବାଣୀରୁ ଏକଦା ପ୍ରସାରିତ କ୍ଷୁଦ୍ର ତଥା ଶକ୍ତିଶାଳୀ ଆଧ୍ୟାତ୍ମିକ, ସାଂସ୍କୃତିକ ଓ ସାରସ୍ୱତ ଚିନ୍ତନର ଏକ ସଂଚୟ– କୋଷ ହେଉଛି ଆଲୋଚ୍ୟ ଏହି ଗ୍ରନ୍ଥ। ଲେଖକ 'ଆକାଶବାଣୀ କଟକ କେନ୍ଦ୍ର'ରେ ବୃତ୍ତି–ନିରତ ଥିବା କାଳରେ ଏହି ସବୁ ଲେଖା ପ୍ରତିଦିନ ପ୍ରତ୍ୟୁଷରେ ଭକ୍ତିଗୀତର କାର୍ଯ୍ୟକ୍ରମ 'ବନ୍ଦନା' ପରେ ମାତ୍ର ପାଞ୍ଚ ମିନିଟ୍ ପାଇଁ ପ୍ରସାରିତ ହୋଇ ଓଡ଼ିଆ ଶ୍ରୋତାଙ୍କ ଚେତନାରେ ଆଲୋଡ଼ନ ସୃଷ୍ଟି କରିଥିଲା। ଓଡ଼ିଶାର ବିଭିନ୍ନ ପର୍ବପର୍ବାଣୀ, ସାଂସ୍କୃତିକ ଓ ଧାର୍ମିକ ଗୁରୁତ୍ୱ ଥିବା ଦିବସମାନଙ୍କର ତାତ୍ପର୍ଯ୍ୟ ଭିତ୍ତିକ ଲେଖାଗୁଡ଼ିକୁ ଶାନ୍ତନୁ ନିଜେ ପାଠ କରୁଥିଲେ। ପରିବେଶ, ସ୍ୱାସ୍ଥ୍ୟ, ସମାଜସେବା, ଜୀବନ ଦର୍ଶନ, ମହାପୁରୁଷଙ୍କ ଜୀବନର ବୈଶିଷ୍ଟ୍ୟ; ଏପରିକି ତତ୍ତ୍ୱନିଷ୍ଠ ମନ୍ତ୍ରାଦିର ମହତ୍ତ୍ୱ ବ୍ୟାଖ୍ୟା 'ଅନୁଚିନ୍ତା'ର ଆଧାର ଥିଲା। ଗ୍ରନ୍ଥରେ ନିହିତ 'ନବଧା ଭକ୍ତି', 'ସପ୍ତ ଚିରଞ୍ଜୀବୀ', 'ଦେବୀତତ୍ତ୍ୱ' ଓ 'ବିବିଧ' ପର୍ଯ୍ୟାୟରେ ଥିବା 'ମହାମୃତ୍ୟୁଞ୍ଜୟ ମନ୍ତ୍ର' ଓ 'ହରେକୃଷ୍ଣ ମହାମନ୍ତ୍ର' ସଂପର୍କୀୟ ସରଳ ବିବରଣ ପାଠିକାପାଠକଙ୍କୁ ଗଭୀର ଆନନ୍ଦ ଦେବା ସଙ୍ଗେସଙ୍ଗେ ସେମାନଙ୍କ ଜ୍ଞାନୋଦୟରେ ଯେ ସହାୟକ ହେବ, ଏଥିରେ ସନ୍ଦେହ ନାହିଁ।

## ପୁରୁଷକାର

**କବି: ରଞ୍ଜନ ବାଗ**
**ପ୍ରକାଶକ: ସୁବର୍ଣ୍ଣଶ୍ରୀ ପ୍ରକାଶନୀ, ବାଲେଶ୍ୱର**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୨୦୦/–**

ଆଲୋଚ୍ୟ କବିତାଗ୍ରନ୍ଥର 'ନିଜ କଥା'ରେ ରଞ୍ଜନ ଲେଖିଛନ୍ତି: ''ବାପାଙ୍କ ମୃତ୍ୟୁ ପରେ ଚାରିଆଡ଼େ ମୋତେ ଅନ୍ଧକାର ଦେଖାଯାଉଥିଲା। ସେହି ଘନ ଅନ୍ଧାର ଭିତରେ ପୁଣି କବିତା ରୂପକ ଆଲୋକ ମୋତେ ଦେଖାଦେଲା x x ମୋର ଦ୍ୱିତୀୟ ପର୍ଯ୍ୟାୟ କବିତାଲେଖା ଆରମ୍ଭ ହେଲା।'' ପରମ ଆତ୍ମୀୟଙ୍କ ମୃତ୍ୟୁ ଓ ତଜ୍ଜନିତ ଅବସାଦ ଭିତରୁ ଜନ୍ମ ନେଇଥିବା କବିତାଗୁଡ଼ିକୁ ପାଠକେ 'ପୁରୁଷକାର'ରେ ଭେଟିବେ। 'ଭୋକର ସାମ୍ରାଜ୍ୟ: କଳାହାଣ୍ଡିରୁ ନଗଡ଼ା' ଓ 'ଦାନ ମାଝୀ' ଭଳି କବିତାରେ କବିଙ୍କ ମିତବାକ୍ କବିତ୍ୱକୁ ଚିହ୍ନିହୁଏ। ବାପାଙ୍କ ସ୍ମୃତି ଥାଇଥାଇ କବିତାର ବାଟ ଓଗାଳି ଠିଆ ହୁଏ, ଯେମିତି 'ପଛପଟ କଥା'ରେ ବାପାଙ୍କ ସହ ରେଳଯାତ୍ରା। କବିତାର ଧାଡ଼ିରେ ମତ୍ସ୍ୟକନ୍ୟାଙ୍କୁ ଭେଟିପାରେ ସୃଜନର ସେଇ ଚେତନା, ଯାହା ଭିତରେ ଥାଏ ସମୟର ଗୁଣୁଗୁଣୁକୁ ଶୁଣିବାର ସାମର୍ଥ୍ୟ। କହିବା ବାହୁଲ୍ୟ, ରଞ୍ଜନ ଏଇ କିସମର ଜଣେ ପ୍ରତିଭାଦୀପ୍ତ କବି, ଯିଏ ଇଥିଓପିଆରୁ କାଶୀପୁରଯାଏଁ ଲମ୍ବିଥିବା ଜୀବନର ହାହାକାରକୁ ଶବ୍ଦରୂପ ଦେଇପାରନ୍ତି। 'ପୁରୁଷକାର'ର ପାଠକୀୟତା ଅବଧାରିତ, କାରଣ କାଳୀପଦ ପଣ୍ଡା କହିବା ପରି ରଞ୍ଜନଙ୍କ କବିତାର ଉତ୍ସ ଜୀବନ, ପରିବାର ଓ ତାଙ୍କ ଚାରିପଟର ସମାଜ।




## ଅନ୍ଧାର ଓ କିଛି ନିଖୋଜ ମୁହୂର୍ତ୍ତ

କବୟିତ୍ରୀ: ନିବେଦିତା ମିଶ୍ରଗୁରୁ
ପ୍ରକାଶକ: ଇଭେଣ୍ଟ୍ସ ପବ୍ଲିକେଶନ୍, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୧୭, ମୂଲ୍ୟ: ଟ.୧୩୦/–

ଯିଏ ହାତଧରି ପ୍ରଥମେ ଅକ୍ଷର ଶିଖାଇଥିଲେ, ସେଇ ଜେଜେଙ୍କୁ ବହିଟି ଉତ୍ସର୍ଗ କରି ନିବେଦିତା ଆରମ୍ଭରୁ ପାଠକର ମନ କିଣିନିଅନ୍ତି। ''ମୋ' କଥା''ରେ କହନ୍ତି, 'ଅନ୍ଧାର' ଓ ସେଇ ଅନ୍ଧାର–ସମ୍ଭୂତ 'ନିଃସଙ୍ଗ ମୁହୂର୍ତ୍ତ' ଭିତରେ ନିହିତ ଥାଏ ତାଙ୍କ କବିତାର ଜଠର। ବହିଟିରେ ଅଛି 'ଅନ୍ଧାର'କୁ ନେଇ ୧୩ଟି ଓ 'ଲୁହ'କୁ ନେଇ ୨ଟି କବିତା। ଚମକି ପଡ଼େ ନିବିଷ୍ଟ ପାଠକ, ଯେତେବେଳେ ପଢ଼େ ଏହିପରି ସବୁ ଧାଡ଼ି– ୧. ''ଆଲୋକ ସବୁ ତେବେ ସେମାନଙ୍କର ହେଉ, ଯେଉଁମାନେ ଭୟ ପାଆନ୍ତି ଚାଲିବାକୁ ଅନ୍ଧାରରେ'' (ଅନ୍ଧାର–୫), ୨. ''ଅନ୍ଧାର ରାତିରେ/ ଆତୁର ଆଖି ମୋର ଖୋଜି ବୁଲେ, ରାସ୍ତା ଏକ/ ନେଇଯାଆନ୍ତା ଯିଏ ମତେ/ ତାରାଙ୍କ ଗହଣକୁ x x ଆଣନ୍ତି ଆଞ୍ଜୁଳାଏ ଆଲୋକ''(ଅନ୍ଧାର–୧୧)। ନିବେଦିତା ଅନ୍ଧାରରେ ଠିଆ ହେଇ ଆଲୋକର ସ୍ତବ ପଢ଼ୁଥିବା କବି, 'ଜୀବନ' ଶୀର୍ଷକ କବିତା ସମେତ ବହିର ଅନେକ କବିତାରୁ ଏହା ବୁଝାପଡ଼େ। ଗଭୀରତମ ଅନୁଭବକୁ ସଂଚରଣକ୍ଷମ କବିତା କଲାବେଳେ ତାଙ୍କ କବିତାରେ ଯେଉଁ ଝୁଣ୍ଟିପଡ଼ିବା ଠାଏଠାଏ ଥାଏ, ତାକୁ ସେ ଅବିଳମ୍ବେ ଅତିକ୍ରମ କରିବେ– ଏ ପ୍ରତିଶ୍ରୁତି ଗ୍ରନ୍ଥର ପ୍ରାୟ କବିତା ବହନ କରନ୍ତି।




## ଅଚିନ୍ତନୀୟ ଶ୍ରୀଜଗନ୍ନାଥ

**ସଂକଳକ: ପୀତବାସ ରାଉତରାୟ**
**ପ୍ରକାଶକ: ମହାବୀର ପ୍ରକାଶନ, ଭୁବନେଶ୍ୱର–୯**
**ପ୍ରଥମ ପ୍ରକାଶ: ୨୦୧୯, ମୂଲ୍ୟ: ଟ.୩୦୦/–**




ଗତ ଶ୍ରୀଗୁଣ୍ଡିଚା ଅବକାଶରେ ପ୍ରକାଶ ପାଇଛି ଏହି ଆଧ୍ୟାତ୍ମିକ ଗ୍ରନ୍ଥ, ପୀତବାସ ଯାହାର ସଂକଳକ ଓ ସଂପାଦକ– ଉଭୟ। ବିଭିନ୍ନ ଶୀର୍ଷକରେ ଏଥିରେ ଲେଖିଛନ୍ତି ପଦ୍ମଶ୍ରୀ ପ୍ରଫୁଲ୍ଲ କର, ବଳଦେବ ମହାରଥା, ଡା. କୃଷ୍ଣ କେଶବ ଷଡ଼ଙ୍ଗୀ, ଡ. ଅସିତ ମହାନ୍ତି, ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ, ରାଜକିଶୋର ମିଶ୍ର, ଶରତ କୁମାର କର, ଡ. ତୁଳସୀ ଓଝା, ଡ. ଶ୍ରୀଶ ପଟେଲ, ଡ. ସଂଗୀତା ଗୋସାଇଁ, ସାତକଡ଼ି ହୋତା, ମନୋଜ କୁମାର ମହାପାତ୍ର, ପଦ୍ମଶ୍ରୀ ମନୋଜ ଦାସ, ପଦ୍ମବିଭୂଷଣ ସୀତାକାନ୍ତ ମହାପାତ୍ର, ପଦ୍ମଭୂଷଣ ରମାକାନ୍ତ ରଥ, ଡ. ଗଗନେନ୍ଦ୍ରନାଥ ଦାଶ ପ୍ରମୁଖ ବହୁ ଲେଖିକାଲେଖକ। ସଂପାଦକ ଶ୍ରୀ ରାଉତରାୟ 'ଭୁଜ ତଳେ ମୋତେ ରଖ ମହାବାହୁ...' ଶୀର୍ଷକ ସଂପାଦକୀୟରେ ଗ୍ରନ୍ଥର ବିବିଧ ବିଶେଷତ୍ୱ ସଂପର୍କରେ ଉଲ୍ଲେଖ କରିଛନ୍ତି। ଶ୍ରୀଜଗନ୍ନାଥଙ୍କୁ ନେଇ ବିଶିଷ୍ଟ ଭକ୍ତ ଓ ଭକ୍ତକବିମାନଙ୍କର ବହୁ ଦୁର୍ଲଭ ରଚନା ପାଠକେ ଏହି ସଂକଳନଟିରୁ ପାଇବେ। ଗ୍ରନ୍ଥଟି ଓଡ଼ିଶାର ଘରେଘରେ ସାଇତି ରଖିବାର ଯୋଗ୍ୟତା ବହନ କରେ।